### ତିନି ଫୁଟ୍ ଦବିଲା ଜମ୍ବୀରା ପୋଲ

# ଚିତ୍ରଡ଼ା-ମୋରଡ଼ା ଯାତାୟାତ ଠପ୍



ମୋରଡା,୨୨।୩(ସମିସ): ଗତ ଚାରିଦିନ ଧରି କାଳବୈଶାଖୀ ବର୍ଷା ପ୍ରଭାବରେ ମୋରଡ଼ା ବ୍ଲକ ଦେଇ ପ୍ରବାହିତ ହୋଇଥିବା ଜମ୍ବୀରା ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ଯାହାଫଳରେ ମୋରଡା ବ୍ଲକ ଅଧୀନ ଚିତ୍ରଡା-ମୋରଡା-ଅମରଦା-ରାଜଘାଟ ମୁଖ୍ୟ ରାସ୍ତାର ଶିଳଦା ନିକଟରେ ଥିବା ଜମ୍ବୀରା ପୋଲର ଚାରି ନମ୍ବର ଖୁମ୍ବ ଦବି ଯାଇ ନୌକା ଆକୃତିର ହୋଇଯାଇଛି। ଫଳରେ ଚିତ୍ରଡା-ମୋରଡା ଯୋଗାଯୋଗ ସମ୍ପୂର୍ଣ ବିଚ୍ଛିନ୍ନ ହୋଇଛି।

- ବିପଦସଂକୁଳ ପୋଲରେ ଯାତାୟାତ କରୁଥିଲେ ଲୋକେ
- ପ୍ରଶାସନ ପକ୍ଷରୁ ଲାଗିଲା ବ୍ୟାରିକେଡ୍

ଗତ ୩ ବର୍ଷ ହେବ ପୋଲଟି ବିପଦସଂକୁଳ ଅବସ୍ଥାରେ ଥିଲା। ପୂର୍ତ୍ତବିଭାଗ ଦ୍ୱାରା ପୋଲ ଉପରେ ଭାରୀଯାନ ଯାତାୟାତ ପାଇଁ ନିଷେଧ କରାଯାଇଥିଲା। କିନ୍ତୁ ବ୍ୟାରିକେଡ୍ ଗୁଡିକ ସଠିକ ଭାବେ ବସି ନ ଥିବାରୁ ରାତିରେ ବ୍ୟାରିକେଡ୍ କଡ ଦେଇ ଭାରୀଯାନ ଯାତାୟାତ କରୁଥିଲା। ବର୍ତ୍ତମାନ ଉକ୍ତ ପୋଲଟି ପ୍ରାୟ ତିନିଫୁଟ ତଳକୁ ଦବି ଯାଇଛି। ତେଣୁ ଆଜି ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ଗିରି ଘଟଣାସ୍ଥଳରେ ପହଞ୍ଚି ପୋଲର ଉଭୟ ପାର୍ଶ୍ୱରେ ବାଲି ବସ୍ତା ଦେବା ସହିତ ବ୍ୟାରିକେଡ୍ ଦିଆଯାଇ କୌଣସି ଗାଡି ଚଳାଚଳ ପାଇଁ ନିଷେଧାଦେଶ ଜାରି କରାଯାଇଛି। ଏଭଳି ପରିସ୍ଥିତିକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ପୋଲ ବନ୍ଦ କରିବା ପୂର୍ବରୁ ଚିତ୍ରଡା, ମୋରଡା, ମାଳିହତା ଆଦି ସ୍ଥାନରେ ଉକ୍ତ ପୋଲ ବନ୍ଦ ଅଛି ବୋଲି ସାଇନ ବୋର୍ଡ ମାରିବାକୁ ଦାବି ହେଉଛି।

ସେହିପରି ପୋଲ ଏବେ ବନ୍ଦ ହେବାରୁ ଚିତ୍ରଡାରେ ଥିବା କଲେଜ, ବ୍ଲକ, ତହସିଲ, ରେଜିଷ୍ଟ୍ରାର ଆଦି ବିଭିନ୍ନ କାର୍ଯ୍ୟାଳୟକୁ ଯିବା ଆସିବା କରିବା ପାଇଁ ବହୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେବେ। ଗତ ୨୦୨୪-୨୫ ଆର୍ଥିକ ବର୍ଷର ଫେବୃଆରୀ ୬ ତାରିଖ ଦିନ ନୂତନ ପୋଲର ନିର୍ମାଣ ନିମନ୍ତେ ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ସୁଦ୍ଧା କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲିଥିବାରୁ ନିର୍ମାଣ କାର୍ଯ୍ୟ କେବେ ସରିବ ଓ ଚିତ୍ରଡା-ମୋରଡା ସିଧାସଳଖ ଯୋଗାଯୋଗ କେବେ ହେବ, ତା'ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଗିରିଙ୍କୁ ପଚାରିବାରୁ ଆସନ୍ତାକାଲି ବିଭିନ୍ନ ସ୍ଥାନରେ ସାଇନ ବୋର୍ଡ ମରାଯିବ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପରେ ସଠିକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ନିମ୍ନମାନର କାମକୁ ନେଇ ଅସନ୍ତୋଷ



ଉଦଳା,୨୨।୩(ସମିସ): ଉଦଳା ବଜାର ରଥ ଛକ ନିକଟରେ ସନ୍ଧ୍ୟା ସମୟରେ ଦେଖିବାକୁ ମିଳିଥିଲା ଗହଳି। ଗହଳିର କାରଣ ଥିଲା ନିମ୍ନମାନର କାମକୁ ନେଇ ପ୍ରତିବାଦ। ନିମ୍ନମାନର କାମକୁ ଦେଖି ଉଦଳା ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ଉଦଳା ରଥ ଛକ ନିକଟରେ ଚାଲିଥିବା ପୋଲ କାମକୁ ବନ୍ଦ କରିଥିଲେ। ଉଦଳା ବଜାର ରଥ ଛକରୁ ପରିବା ମାର୍କେଟ ମଝିରେ ଏକ ପୋଲ କାମ ଦୀର୍ଘ ଏକ ମାସରୁ ଅଧିକ ହେବ ଆରମ୍ଭ ହୋଇଥିବାବେଳେ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରୁନାହିଁ। ପୂର୍ବରୁ ରାସ୍ତା ପ୍ରଶସ୍ତୀକରଣ ହୋଇ ଯେଉଁ ଡ୍ରେନ ହୋଇଛି, ତାକୁ ନେଇ ମଧ୍ୟ ପୂର୍ବରୁ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ବର୍ତ୍ତମାନ ସ୍ଥିତିରେ ପୋଲର କଂକ୍ରିଟ କାମ ଅତି ନିମ୍ନମାନର ହେଉଥିବା ଦେଖି ଏହାକୁ ବିରୋଧ କରିଥିଲେ ସ୍ଥାନୀୟ ଲୋକ। ଉକ୍ତ ପୋଲ କାମରେ ନିମ୍ନମାନର ରଡ଼, ବାଲି ବଦଳରେ ସିମେଣ୍ଟ ଗୁଣ୍ଡରେ କାମ କରାଯାଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ଠିକାଦାର ରାତିରେ ଅନ୍ଧାରର ସୁଯୋଗ ନେଇ ନିମ୍ନମାନର କାମ କରୁଥିବା ଅଭିଯୋଗ କରି କାମ ବନ୍ଦ କରିଛନ୍ତି ଗ୍ରାମବାସୀ। ସେପଟେ ନିମ୍ନ ମାନର କାମ ବାବଦରେ ଠିକା ସଂସ୍ଥାର ମ୍ୟାନେଜରଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ରଖି ସାମ୍ନାରୁ ଦୌଡ଼ି ଚାଲିଯାଇଥିଲେ।

## ନରଦାରେ ପାଇପ୍ ଫାଟି ଭାସୁଛି ପାଣି



ଆନନ୍ଦପୁର, ୨୨।୩ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡ଼ା ପଞ୍ଚାୟତର ନରଦା ଗ୍ରାମର ରାସ୍ତାରେ କୃତ୍ରିମ ଝରଣା ପ୍ରବାହିତ ହେଉଛି। ନରଦାକୁ ବିଶୁଦ୍ଧ ପାନୀୟଜଳ ଯୋଗାଉଥିବା ବେଳେ ବହୁ ସ୍ଥାନରେ ପାଇଁ ବନ୍ଦ ପାଇଁ ଟ୍ରାପ୍ ଲାଗି ନଥିବାରୁ ପାଇପ୍ ଜଳ ଗ୍ରାମରାସ୍ତାରେ କୃତ୍ରିମ ଝରଣା ସୃଷ୍ଟି ହେଉଛି। ଧିରେ ଧିରେ ଖରା ବଢ଼ିବାରେ ଲାଗିଥିବା ବେଳେ ଏବେବି ଅନେକ ଗାଁ ପାଇଁ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏଠାରେ ପାନୀୟ ଜଳର ଅପଚୟ ହେଉଛି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଟ୍ରାପ୍ ଲଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ପୂର୍ବତନ ପିସିସି ସଭାପତିଙ୍କୁ ହତ୍ୟା ଧମକ



ଆନନ୍ଦପୁର, ୨୨।୩ (ସମିସ): ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କୁ କେହି ଦୁର୍ବୃତ୍ତ ମୋବାଇଲ ୱାଟ୍ସଅପ ଯୋଗେ ହତ୍ୟା ଧମକ ଦେଇଥିବା ଏବଂ ଭୁବନେଶ୍ୱର ଆସିଲେ ଜୀବନରୁ ମାରିଦେବାକୁ ଧମକ ଦେବାକୁ ନେଇ ଜୟଦେବ ଅଭିଯୋଗ କରିଛନ୍ତି। ଏନେଇ ଗତ ୯.୦୩.୨୦୨୬ରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି। ନନ୍ଦିପଦା ଥାନା ପୁଲିସ ୧୦୪/୨୦୨୬ରେ ମାମଲା ରୁଜୁ କରିଛି। ଏପରିକି ହତ୍ୟା ଧମକକୁ ନେଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ପୁଲିସ ଡିଜି ଏବଂ କେନ୍ଦୁଝର ଏସପିଙ୍କୁ ମଧ୍ୟ ଅବଗତ କରାଯାଇଛି। ଏସପିଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁର ଏସଡିପିଓ ଧମକ ଦେଇଥିବା ବ୍ୟକ୍ତିଙ୍କୁ ଗିରଫ କରିବା ନିମନ୍ତେ ଦୁଇଟି ଟିମ ଗଠନ କରିଥିଲେ। ପ୍ରଥମଟି ହ୍ୟୁମାନ ଟ୍ରାଣ୍ଡାଲିସ ଏବଂ ଅନ୍ୟଟି ସାଇବର ଫରେନସି ମାଧ୍ୟମରେ ଉକ୍ତ ଯୁବକଙ୍କୁ ଚିହ୍ନଟ କରିଥିବା ବେଳେ ଯୁବକଟି ଯାଜପୁର ଜିଲ୍ଲାର ବୋଲି ଜଣାପଡିଛି। ଏନେଇ ଯୁବକ ଯେଉଁ ଫୋନ ନମ୍ବରରୁ ଧମକ ଦେଇଥିଲା ସେହି ଫୋନଟି ସୁଇଚଅଫ ଥିବା ବେଳେ ଯୁବକଟି ଫେରାର ଥିବା ଆନନ୍ଦପୁର ଏସଡିପିଓ ସୂଚନା ଦେଇଛନ୍ତି। ଖୁବଶୀଘ୍ର ଗିରଫ କରାଯିବ ବୋଲି ପ୍ରେସମିଟ୍‌ରେ ସୂଚନା ଦେଇଛନ୍ତି।

## ଆଦିବାସୀ ନେତା ଦୁର୍ଗା ହେମ୍ବ୍ରମଙ୍କ ପ୍ରତିମୂର୍ତ୍ତି ସ୍ଥାପନ



ଶରତ,୨୨।୩(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ଟୋଲଗଡିଆଠାରେ ଆଜି ସଂଗ୍ରାମୀ ଆଦିବାସୀ ନେତା ଦୁର୍ଗା ହେମ୍ବ୍ରମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ୧୯୮୭-୮୮ରେ ତତ୍କାଳୀନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଶିମିଳିପାଳ ହଦଗଡ କୁଲଡ଼ିହା ଅଭୟାରଣ୍ୟ ଗଠନ ସମୟରେ ଠାକୁରମୁଣ୍ଡା ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତ, କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକ ଅନ୍ତର୍ଗତ କେ.ବାଲିପାଳ, ହଦଗଡ ଓ ଧନୁର୍ଜୟପୁର ଗ୍ରାମ ପଞ୍ଚାୟତ ସମେତ କପ୍ତିପଦା ବ୍ଲକର ଅଧିକାଂଶ ପଞ୍ଚାୟତକୁ ସାମିଲ କରି ବନୀକରଣ ଯୋଜନାରେ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବନୀକରଣ ସମୟରେ ଏ ସମସ୍ତ ଅଞ୍ଚଳରେ ପୁରୁଷାନୁକ୍ରମେ ବସବାସ କରୁଥିବା ନିରୀହ ଆଦିବାସୀଙ୍କୁ ଉଚ୍ଛେଦ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରିଥିଲେ ସଂଗ୍ରାମୀ ଆଦିବାସୀ ନେତା ଦୁର୍ଗା ହେମ୍ବ୍ରମ। ସ୍ୱର୍ଗତ ଦୁର୍ଗା ହେମ୍ବ୍ରମ ରାମଚନ୍ଦ୍ରପୁର ଗ୍ରାମର ନାଗାରାପଥର ଗ୍ରାମର ବାସିନ୍ଦା ଥିଲେ। ତାଙ୍କ ଅବଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଗ୍ରାମର ଦୁର୍ଗା ହେମ୍ବ୍ରମ ମେମୋରିଆଲ, ଟୋଲଗଡିଆ ହେମ୍ବ୍ରମ ଆନୁକୂଲ୍ୟରେ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହରେ ମେମୋରିଆଲ କମିଟି ସଭାପତି ଶ୍ୟାମ ବାନରା, ଉପସଭାପତି ବାଙ୍ଗରା ଉଗ୍ରଶାଣ୍ଡି, ଯୁଗ୍ମସମ୍ପାଦକ ଯୁବରାଜ ସାମାଡ, ନୋଟ ପଞ୍ଚାୟତ ସରପଞ୍ଚ ଦୁମ୍ବି ସିଂ ପ୍ରମୁଖ ଯୋଗ ଦେଇଥିଲେ।

## ଗୋଟିଏ ଦିନରେ ଏକାଧିକ ଗୋରୁ ଚୋରି

ବିଶୋଇ,୨୨।୩ (ସମିସ): ବିଶୋଇ ଥାନା ଅଧୀନ ବିଶୋଇ ଅଞ୍ଚଳରେ ଗୋଟିଏ ଦିନରେ ଏକାଧିକ ଗୋରୁ ଚୋରି ହୋଇଛି। ବର୍ଷା ରାତିର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏକାଧିକ ଗୋରୁ ଚୋରି କରିନେଇଛନ୍ତି । ଏନେଇ ଆଜି ମାଲିକମାନେ ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ଗତ ୧୬ ତାରିଖରେ ବିଶୋଇ ପଞ୍ଚାୟତସ୍ଥ ହାଟସାହିର ବଂଶୀଧର ଗିରିଙ୍କ ୨ଟି ଗାଇ ନିଜ ଘର ଆଗରେ ଥିବାବେଳେ ରାତି ପ୍ରାୟ ୩ ଘଟିକା ସମୟରେ ଏକ ନାଲି ରଙ୍ଗର ବୋଲେରୋ ସାହାଯ୍ୟରେ ଗାଇ ଚୋରି କରିନେଇଥିବା ନେଇ ଅଭିଯୋଗ କରିଛନ୍ତି। ସେହିପରି ସମାନ ଦିନରେ ମଧ୍ୟରାତ୍ରରେ ବିଶୋଇ ମନ୍ଦିରସାହିର କୃଷ୍ଣଚନ୍ଦ୍ର ହାଁସଦାଙ୍କ ଗୋଟିଏ ବାଛୁରୀ ଚୋରି ହୋଇଥିଲା। ଉକ୍ତ ଦିନ ରାତିରେ ବିଶୋଇ ହାଟସାହିର ଭାଗୀରଥି ନାଏକଙ୍କ ଗୋଟିଏ ଗାଇ, ବିଶୋଇ ମେଡିକାଲ ଜାହିରା ସାହିର ଜଗେଶ୍ୱର ନାଏକଙ୍କ ଗୋଟିଏ ବାଛୁରୀ, ବିଶୋଇ ମନ୍ଦିରସାହିର ଶାଶ୍ୱତ ଶର୍ମାଙ୍କ ଏକ ଅଣ୍ଡିରା ବାଛୁରୀକୁ ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ ଅଭିଯୋଗ ହୋଇଛି। ଗୋଟିଏ ଦିନରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଏକାଧିକ ଗୋରୁ ଚୋରି ହେବା ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବତାବରଣ ସୃଷ୍ଟି ହୋଇଛି। ଉକ୍ତ ଚୋରିରେ ଏକ ନିର୍ଦ୍ଦିଷ୍ଟ ଗ୍ୟାଙ୍ଗର ହାତ ଥିବା ନେଇ ସନ୍ଦେହ ସୃଷ୍ଟି ହୋଇଥିବାବେଳେ ଗୋରୁ ଚୋରି ପାଦୁର୍ଭାବ ରୋକିବା ପାଇଁ ପୁଲିସ ଯଥାଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

## କଲମା ପଞ୍ଚାୟତରେ ଇଦ୍ ପାଳିତ



ବେତନଟୀ, ୨୨।୩(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ କଲମା ପଞ୍ଚାୟତର ଗୋବିନ୍ଦ ରାୟପୁର ଓ ଚଷାଖଣ୍ଡ ପଞ୍ଚାୟତର ଜଙ୍ଗରାଇ ଗ୍ରାମ ସହିତ ଅଞ୍ଚଳର ବିଭିନ୍ନ ସ୍ଥାନରେ ପବିତ୍ର ଇଦ୍ ପର୍ବ ପାଳିତ ହୋଇଛି। ଗୋବିନ୍ଦ ରାୟପୁର ଗ୍ରାମର ଆଇସା ଜାମା ମସଜିଦରେ ଶନିବାର ସକାଳ ପ୍ରାୟ ୮ଟାରେ ସମବେତ ନମାଜ ପାଠ କରାଯାଇଥିଲା। ପରେ ସମସ୍ତ ମୁସଲମାନ ଭାଇମାନେ ପରସ୍ପରଙ୍କୁ ଇଦ୍-ମୁବାରକ ଜଣାଇ ଆଲିଙ୍ଗନ କରି ଭାଇଚାରାର ପରିଚୟ ଦେଇଥିଲେ। ଏଥିସହିତ ମହିଳା ମଦ୍ରାସା ଜମାଇତୁଲ ବିନାତ ବରକତେ ଫାତିମାରେ ମଧ୍ୟ ଇଦ୍ ପର୍ବ ଉତ୍ସାହର ସହ ପାଳିତ ହୋଇଥିଲା। ମୌଲାନା ଗୁଲାମ ମଇଉଦ୍ଦିନଙ୍କ ନେତୃତ୍ୱରେ ସେଖ ସରଜୁକିନ, ଆଜମଲ ଖାଁ, ଏକିଲ ଖାଁ, ମଲ୍ଲିକ ୱାଦିଲ, ମଲ୍ଲିକ ରବି ଓ ମଲ୍ଲିକ ନେକରୁଦ୍ଦିନ୍ ପ୍ରମୁଖଙ୍କ ସହଯୋଗରେ ପର୍ବ ପାଳନ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ପର୍ବ ଅବସରରେ ସମସ୍ତଙ୍କୁ ସିମେଇ ଓ ବିଭିନ୍ନ ପ୍ରକାରର ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିଶେଷକରି ହିନ୍ଦୁ ଭାଇମାନଙ୍କ ସକ୍ରିୟ ଭାଗିଦାରୀ ଏହି ପର୍ବକୁ ଆହୁରି ଅର୍ଥପୂର୍ଣ୍ଣ କରିଥିଲା। ଯାହା ଅଞ୍ଚଳରେ ସାମ୍ପ୍ରଦାୟିକ ସମ୍ମିଳନର ଉତ୍କୃଷ୍ଟ ଉଦାହରଣ ଭାବେ ପ୍ରକାଶ ପାଇଛି। ବେତନଟୀ ସହ ଶାଳଶାଳବଣି, ଖଇରବଣି, ଇରବଣି, ଜୁଗୁପୁରା ଓ ହାତୀଝୁରି ଆଦି ଅଞ୍ଚଳରେ ମଧ୍ୟ ମୁସଲମାନ ସମ୍ପ୍ରଦାୟ ଆନନ୍ଦ ଓ ଆଧ୍ୟାତ୍ମିକତାର ସହ ଇଦ୍ ପର୍ବ ପାଳନ କରିବା ସହ ନମାଜ ପାଠ କରି ପରସ୍ପର ମଧ୍ୟରେ ଶୁଭେଚ୍ଛା ବିନିମୟ କରିଥିଲେ।

### ସ୍ୱଚ୍ଛ ସବାରୀ କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର

# ମଦ ପିଇ ଗାଡ଼ି ଚଳାଇଲେ କାର୍ଯ୍ୟାନୁଷ୍ଠାନ



କେନ୍ଦୁଝର, ୨୨।୩ (ସମିସ): କେନ୍ଦୁଝରଗଡ଼ ପୌରପାଳିକା ସଭାଗୃହରେ ସ୍ୱଚ୍ଛ ସବାରୀ କର୍ମଚାରୀଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରକୁ କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ଉଦ୍‌ଘାଟନ କରି ସହାରବାସୀଙ୍କୁ ଉତ୍ତମ ବ୍ୟବହାର ଏବଂ ସେବା ଦେବାକୁ କହିଥିଲେ। କେନ୍ଦୁଝରଗଡ ପୌରପାଳିକାରେ ୧୫ଟି ସ୍ୱଚ୍ଛ ସବାରୀ ଗାଡି ଚାଲୁଥିବାବେଳେ ଏଥିରେ ୩୦ଜଣ କର୍ମଚାରୀ କାମ କରୁଛନ୍ତି। ପ୍ରତ୍ୟେକ ଗାଡିରେ ଜଣେ ଡ୍ରାଇଭର ଏବଂ ହେଲପର ରହୁଛନ୍ତି। ଡ୍ୟୁଟି ଯିବା ପୂର୍ବରୁ ଏବଂ ଆସିବା ପରେ ଡ୍ରାଇଭର, ହେଲପର ମଦ ପିଇଛନ୍ତି କି ନାହିଁ ତାହା ପରୀକ୍ଷା କରାଯିବ। ଯଦି କେହି କର୍ମଚାରୀ ମଦ ପିଇଥିବା ସେମାନଙ୍କୁ ତୁରନ୍ତ କାର୍ଯ୍ୟରୁ ବାହାର କରାଯିବ। ଡ୍ୟୁଟି ସମୟରେ ଘରକୁ ଘର ବୁଲି ଶୁଖିଲା ଏବଂ ଓଦା ଅଳିଆ ଆବର୍ଜନା ସଂଗ୍ରହ ବେଳେ ଲୋକମାନେ ସଠିକ୍ ଭାବେ ପୃଥକୀକରଣ କରି ଦେଉଛନ୍ତି କି ନାହିଁ ତାହା ଦେଖିବେ ଏବଂ ଯେଉଁମାନେ ଦେଉନଥିବା ସେମାନଙ୍କୁ ପୃଥକୀକରଣ କରି ଓଲଗା ଓଲଗା ଦେବାକୁ କହିବେ। ଅଳିଆ ଆବର୍ଜନା ସଂଗ୍ରହ ବେଳେ ଶାରୀରିକ ଅକ୍ଷମ କିମ୍ବା ବୃଦ୍ଧ/ବୃଦ୍ଧାଙ୍କୁ ସହାୟତା ପ୍ରଦାନ କରିବାକୁ ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଯେଉଁ କର୍ମଚାରୀ ଉତ୍ତମ ସେବା ଏବଂ ଉତ୍ତମ ବ୍ୟବହାର ଦେଇ କାମ କରିବେ ସେମାନଙ୍କୁ ସ୍ୱାୟତ୍ତ ଶାସନ ଦିବସରେ ସମ୍ବର୍ଦ୍ଧିତ କରାଯିବ। ପୌରପାଳିକାର ଅଳିଆ ଆବର୍ଜନା ସଂଗ୍ରହ ବେଳେ ଗାଡି ଧିରେ ଧିରେ ଚଳାଇବେ ଏବଂ ସଡକ ସୁରକ୍ଷା ପ୍ରତି ଦୃଷ୍ଟି ଦେବେ। ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ହୋଟେଲ ନିର୍ଦ୍ଧାରିତ ଡଷ୍ଟବିନରେ ଅଳିଆ ଆବର୍ଜନ ନ ପକାଇଲେ ସ୍ୱଚ୍ଛ ସବାରୀ କର୍ମଚାରୀ ଉପରସ୍ଥ ଅଧିକାରୀଙ୍କୁ ଅବଗତ କରିବେ। ଫଳରେ ଅମାନିଆ ଚିହ୍ନଟ କରାଯାଇ ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି। ସହରରେ କେତେକ ଦୋକାନୀ ଅଳିଆ ଆବର୍ଜନା ରାସ୍ତା ଉପରେ ଝାଡୁ କରି ପକାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଉକ୍ତ ଦୋକାନୀମାନଙ୍କୁ ଚିହ୍ନଟ କରି ୟୁଜର ଫି ଆଦାୟ କରାଯିବ। ଏହି ଦିନିକିଆ ପ୍ରଶିକ୍ଷଣ ଶିବିରରେ କେନ୍ଦୁଝରଗଡ ପୌରପାଳିକାର ସାନିଟାରୀ ଇନ୍ସପେକ୍ଟର ପ୍ରମୋଦ କୁମାର ପଟ୍ଟନାୟକ, ମ୍ୟୁନିସିପାଲଟି ଇଞ୍ଜିନିୟର ଭକ୍ତବନ୍ଧୁ ମହାନ୍ତ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା(ଡୁଡା)ର ଟିମ ଲିଡର ସୁମିତ୍ର ମହାନ୍ତି, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପଣ୍ଡା, ସଦର ବିଧାୟକଙ୍କ ପ୍ରତିନିଧି ସତ୍ୟନାରାୟଣ ବାରିକ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ।

# ଭଗବାନପୁରରେ ଦୀନଦୟାଲ ପ୍ରଶିକ୍ଷଣ ଶିବିର



ଆନନ୍ଦପୁର, ୨୨।୩ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭଗବାନପୁର ନଗରମଣ୍ଡଳରେ ଆଜି ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରଠାରେ ନଗର ମଣ୍ଡଳ ସଭାପତି ହେମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ମହାଅଭିଯାନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ, ଆନନ୍ଦପୁର ମ୍ୟୁନିସିପାଲିଟି ପୂର୍ବତନ ନଗରପାଳ ରାମଚନ୍ଦ୍ର ସାହୁ, ବିଜେପି ଜିଲ୍ଲା ଉପସଭାପତି ଅସିମା ମିଶ୍ର, ଅନୁସୂଚୀତ ଜାତି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଆଲୋକ ସେଠୀ, ଅଶ୍ୱିନୀ ମହାନ୍ତ, ଅମରବର ଖଟୁଆ ପ୍ରମୁଖ ୭ଟି ସତ୍ରରେ ସଂଗଠନ ବିଷୟ ଉପରେ ବିସ୍ତାରିତ ଭାବେ ପ୍ରଶିକ୍ଷଣ ଦେଇଥିଲେ। ୨ ଦିନ ବ୍ୟାପି ୧୧୫ ଜଣ ବରିଷ୍ଠ ବିଜେପି କର୍ମକର୍ତ୍ତା ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ ବିଜେପି ବରିଷ୍ଠ ନେତା ନିରାକାର ଦଳେଇ, ପ୍ରଶାନ୍ତ ମହାପାତ୍ର, ଶାନ୍ତନୁ ସେଠୀ, ସୁରେଶ ସାହୁ, ମାନସ ରଞ୍ଜନ ସାହୁ, ନାରାୟଣ ବାରିକ, ସନତ କର, ବନମାଳି ସେଠୀ, ବାଇଧର ସାହୁ, ମହେଶ୍ୱର ରାଉତ, ବ୍ରଜକିଶୋର ଦାସ, ମଳୟ ମିଶ୍ର, ଲକ୍ଷ୍ମୀଧର ମିଶ୍ର, ଗଗନ ବିହାରୀ ସିଂହ, ଭାବଗ୍ରାହୀ ପଣ୍ଡା, ସୁମତି ଜେନା, ପ୍ରଣୟନି ବ୍ରହ୍ମ, ବୈଜୟନ୍ତି ବିଶ୍ୱାଳ, ଚାରୁଲତା ଦାସ, ସଂଯୁକ୍ତା ନାଥ, କନକଲତା ଦାସଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିଥିଲେ। ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଏହି ପ୍ରଶିକ୍ଷଣ ଶିବିରରେ ଆଲୋଚନା କରିଥିଲେ।

## ଶିଶୁ ମନ୍ଦିରରେ କଣ୍ଢେଇ ଦିବସ

କେନ୍ଦୁଝର,୨୨।୩(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ବିଦ୍ୟାଳୟ କମିଟିର ସଭାପତି ଆଖଣ୍ଡଳମଣି ବାରିକ୍, ସମ୍ପାଦକ ଜନ୍ମେଜୟ ସାହୁ, ସାମ୍ବାଦିକ ଦୁର୍ଯ୍ୟୋଧନ ପାତ୍ର ଯୋଗ ଦେଇଥିଲେ। ଏଥିରେ ଶିଶୁ ବାଟିକା ଆଧାରସ୍ତରର ୧୫୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ଜୈବ ବିବିଧତା ଯୁକ୍ତ ଶିକ୍ଷଣୀୟ କଣ୍ଢେଇ ପ୍ରଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ସାହୁ, ଗାୟତ୍ରୀ ମହାନ୍ତ, ସାଗରିକା ସାହୁ, ସର୍ମିଷ୍ଠା ମହାନ୍ତ, ବୀଣାପାଣି ଗିରି, ଅନିତା ବାରିକ, ଦୀପାରାଣୀ ସାହୁ, ମିନା ପାତ୍ର, ସଂଧ୍ୟାରାଣୀ ବାରିକ୍, ପ୍ରମୋଦ ରାଉତ, ଗୋଲକ ଦେହୁରୀ, ଚନ୍ଦନ ମହାନ୍ତ, ସେବକ ସନ୍ତୋଷ ସାହୁ, ସେବିକା ସବିତା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ଦକ୍ଷତା ତାଲିମ କେନ୍ଦ୍ରରେ ବିଦାୟ ଉତ୍ସବ



ଆନନ୍ଦପୁର, ୨୨।୩ (ସମିସ): ଘସିପୁରା ବ୍ଲକ ବୀରଗୋବିନ୍ଦପୁର ପଞ୍ଚାୟତରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂସ୍ଥା ଭିଆର ଓ ଦ୍ୱାରା ଆଶାପୁରି ଯୁବ ଦକ୍ଷତା ତାଲିମ କେନ୍ଦ୍ରର ଛାତ୍ରୀମାନଙ୍କ ବିଦାୟ କାଳୀନ ଉତ୍ସବ ପାଳିତ ହୋଇଯାଇଛି। ଯୁବ ଦକ୍ଷତା ତାଲିମ କେନ୍ଦ୍ରର ସାଇଟ ଇନଚାର୍ଜ ସସ୍ମିତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭିଆରଓ ଇଣ୍ଡିଆର ସହ ନିର୍ଦ୍ଦେଶକ ମାରିଆୟାଗମ ଡ ନିର୍ମଳା ଭିଆରଓ ଇଣ୍ଡିଆର ସହାୟକ ପ୍ରକଳ୍ପ ପ୍ରବନ୍ଧକ ଜର୍ଜ ଆନଥୋନି, ଭିଆରଓ ଓଡ଼ିଶାର କ୍ଷେତ୍ର ନିର୍ଦ୍ଦେଶକ ହେନି ଆଲବର୍ଟ, ଡ଼ଃ ଜୋସ୍ନାମୟୀ ବେହେରା, ସୁବାସ ନାୟକ ଅତିଥିଭାବେ ଯୋଗ ଦେଇଥିଲେ। ୮୦ ଜଣ ଛାତ୍ରୀଙ୍କୁ ଅତିଥି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମୋନାଲିସା ସେଠି, ରୁକ୍ମଣୀ ପରିଡା, କେଦାର ନାୟକ, ଦୟାନିଧି ନାୟକ ଅଶୋକ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ମୋନାଲିସା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁନି ସମାଜ ପକ୍ଷରୁ ଆଧ୍ୟାତ୍ମିକ ସଚେତନତା ସଭା



ଆନନ୍ଦପୁର, ୨୨।୩ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ପଦ୍ମପୁରଠାରେ ମୁନି ସମାଜ ପକ୍ଷରୁ ଏକ ଆଧ୍ୟାତ୍ମିକ ସଚେତନତା ସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ମୁନି ସମାଜର ଅଧକ୍ଷ ଲୋକନାଥ ମୁନି, ଯୋଗାଚାର୍ଯ୍ୟ ବାଇଧର ମୁନି, ଯୋଗଗୁରୁ ମୁନିମତୀ ଇତିନା, ସତ୍ୟବ୍ରତ ମୁନି, ତ୍ରିଲୋଚନ ଘୋଷ ଓ ସରୋଜ ମୁନିଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ସଭାରେ ବକ୍ତାମାନେ କହିଥିଲେ, ଆଜିର ବ୍ୟସ୍ତ ଜୀବନ ଶୈଳୀରେ ସୁସ୍ଥ ଓ ନିରାମୟ ଜୀବନ ଶୈଳୀ ଅତିବାହିତ କରିବା ପାଇଁ ଯୋଗର ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ। ଶରୀର ସ୍ୱସ୍ଥ ରହିଲେ ମାତ୍ର ମନୁଷ୍ୟ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ସୁଖ, ଶାନ୍ତି ଓ ଆନନ୍ଦରେ କାଟିପାରିବ। ଏହି ଅବସରରେ ମୁନି ସମାଜ ପକ୍ଷରୁ ଜଣାଇ ଦିଆଯାଇଛି ଯେ ଯୋଗ ଓ ସଚେତନତା ଶିବିର ମାଧ୍ୟମରେ ରାଜ୍ୟର ବିଭିନ୍ନ ସ୍ଥାନରେ ସାଧାରଣ ଲୋକଙ୍କ ଜୀବନ ଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପ୍ରୟାସ ଜାରି ରହିବ।

### ବିଶୋଇ ବ୍ଲକ୍ ହୋ କମ୍ୟୁନିଟି ସେଣ୍ଟର ଗୃହ ଉଦ୍‌ଘାଟିତ

# 'ହୋ' ଶିକ୍ଷା, ସଂସ୍କୃତି ଓ ପରମ୍ପରା ବିକାଶରେ ସହାୟକ ହେବ



ବିଶୋଇ,୨୨।୩ (ସମିସ): ବାଡୁଣିଆ ଅତ ଗୁରୁ କୋଲ ଲାକୋ ବୋଦରା ହୋ ହୁଦା ଆକଳା କମିଟି ଆନୁକୂଲ୍ୟରେ ସ୍ଥାନୀୟ ବାଡୁଣିଆଠାରେ ବିଶୋଇ ବ୍ଲକ ହୋ କମ୍ୟୁନିଟି ସେଣ୍ଟର ଉଦଘାଟିତ ହୋଇଛି। ଏଥିନିମନ୍ତେ ବାଡୁଣିଆ ହୋ ହୁଦା ଆକଳାର

### ପାରମ୍ପରିକ ନାଚଗୀତରେ ଦୁଲୁକିଲା ବାଡୁଣିଆ ଗ୍ରାମ

ସଭାପତି ଲେଙ୍ଗା ଦେଓଗାମଙ୍କ ସଭାପତିତ୍ୱରେ ଆଡ଼ମ୍ବର ସହକାରେ ଉଦଘାଟନ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କମ୍ୟୁନିଟି ସେଣ୍ଟର ପରିସରରେ ଅତିଥିମାନେ ପହଞ୍ଚିବା ପରେ ହୋ ସମ୍ପ୍ରଦାୟର ପାରମ୍ପରିକ ନୃତ୍ୟଗୀତରେ ସଭାସ୍ଥଳୀ ଯାଏଁ ପାଛୋଟି ନିଆଯାଇଥିଲା। ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ ଚନ୍ଦ୍ର ହାଁସଦା ଓ ସ୍ୱତନ୍ତ୍ର ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଫିତାକାଟି ନୂତନ କମ୍ୟୁନିଟି ସେଣ୍ଟର ଗୃହକୁ ଉଦଘାଟନ କରିବା ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ହୋ ସମାଜର ସର୍ବାଙ୍ଗୀନ ବିକାଶ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ସେହିପରି ମୁଖ୍ୟବ୍ୟକ୍ତା ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି ଯୋଗଦେଇ ହୋ ସମାଜର ଭାଷା, ସଂସ୍କୃତି ଓ ପରମ୍ପରାକୁ ବିକଶିତ କରିବା ପାଇଁ ହୋ ସମ୍ପ୍ରଦାୟର ସମସ୍ତଙ୍କୁ ଏକଜୁଟ ହେବାକୁ ଆହ୍ୱାନ କରିବା ସହିତ କମ୍ୟୁନିଟି ସେଣ୍ଟର ପରିସରରେ ଅତ ଗୁରୁ କୋଲ ଲାକ ବଦରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମ ମୟୂରଭଞ୍ଜ ବିଜେପି ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଆନନ୍ଦ କୁମାର ରାମ, ହୋ ସମାଜ ଅଧ୍ୟାପକ ମଥୁରା ଆଲଦା, ଦୁସୁରୁ ଜେରାଇ ସେଲାଇ ପୂର୍ତ୍ତି, ତ୍ରିନାଥ ସିଦୁ, ବାଡୁଣିଆ ଦେହୁରୀ ସମା ବାଣ୍ଡରା, ଚୁଆକାଙ୍କର ଦେହୁରୀ ଚାଳେନ୍ଦ୍ର ସୋଏ, କିତାବେଡ଼ା ଦେହୁରୀ ରାମ ନାଏକ, ବଡ଼ବାଲିଚୁଆ ଦେହୁରୀ ବୀରସିଂ ସାମଡ଼, ବାଲିଚୁଆ ଦେହୁରୀ ଲମ୍ବୋଦର ସାମଡ଼, ହୋ ସମାଜର ଶିକ୍ଷକ ଦାକ୍ଷିନ ପୂର୍ତ୍ତି, ଶିକ୍ଷକ ଲାଦୁ ବଦରା, କାଇରୀ ସାମଡ଼ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ହୋ ସମାଜର ବିକାଶରେ ଏହି କମ୍ୟୁନିଟି ସେଣ୍ଟର କିପରି ସହାୟକ ହୋଇପାରିବ ସେ ନେଇ ମତ ରଖିଥିଲେ। ହୋ କମ୍ୟୁନିଟି ସେଣ୍ଟର ପରିସରରେ ପାଚେରି ସହିତ ଶୌଚାଳୟ ନିର୍ମାଣ, ସାର୍ବଜନୀନ ଉଦ୍ୟାନ ନିର୍ମାଣ, ହୋ ସମ୍ପ୍ରଦାୟର ଆଦିବାସୀ ସଂଗ୍ରହାଳୟ, ଅତ ଗୁରୁ କୋଲ ଲାକ ବୋଦରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସେଣ୍ଟରରେ ପ୍ରିଣ୍ଟର ମେସିନ, ସିଲେଇ ମେସିନ ଯୋଗାଇ ଦେଇ ମହିଳା ସଶକ୍ତିକରଣ କରିବା ପ୍ରମୁଖ ଦାବି ନେଇ ଏକ ଦାବିପତ୍ର ସାରସକଣା ବିଧାୟକ ଭାଦବ୍ ହାଁସଦାଙ୍କୁ ପ୍ରଦାନ କରାଯାଇଥିଲା। ଏ ଅବସରରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ରଖାଯାଇ ବୃକ୍ଷରୋପଣ କରାଯାଇଥିଲା। ଶେଷରେ ବ୍ଲକରୁ ଯୋଗଦେଇଥିବା ଶତାଧିକ ହୋ ସମ୍ପ୍ରଦାୟର ମହିଳା ଓ ପୁରୁଷଙ୍କ ଦ୍ୱାରା ହୋ ନାଚଗୀତରେ ବାଡୁଣିଆ ଗ୍ରାମ ଦୁଲୁକିଥିଲା। ଶ୍ୟାମସୁନ୍ଦର ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ବାଡୁଣିଆ ହୋ ହୁଦା ଆକଳାର ସମ୍ପାଦକ ରଙ୍ଗଲାଲ ପୂର୍ତ୍ତି, ଉପସଭାପତି କର୍ମାଧର ଜାମୁଦା, ସହସମ୍ପାଦକ ବିଜୟ ପୂର୍ତ୍ତି ସମେତ ଆକଳାର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜାମବଣି ଗ୍ରାମରେ ବିକାଶ ଅପହଞ୍ଚ, ଗ୍ରାମକୁ ନାହିଁ ରାସ୍ତା



**ଶରତ,୨୨।୩(ସମିସ):** କପ୍ତିପଦା ବ୍ଲକ୍ ଅନ୍ତର୍ଗତ ଜଡିଦା ପଞ୍ଚାୟତର ଜାମବଣି କୋହ୍ଲ ସାହି ଗ୍ରାମ ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ଏହି ଗ୍ରାମର ରାସ୍ତା ଏମିତି ଶୋଚନୀୟ ଅବସ୍ଥାରେ ପଡି ରହିଛି ଯେ ପାଦରେ ଚାଲିଯିବା ମଧ୍ୟ ଜଣେ ବାଟୋଇକୁ ସଂଘର୍ଷ କରିବାକୁ ପଡୁଛି। ଗ୍ରାମକୁ ମଧ୍ୟ ଆମ୍ବୁଲାନ୍ସ ପ୍ରବେଶ କରିବା କଷ୍ଟକର। ସ୍କୁଲ୍ କଲେଜରେ ପଢୁଥିବା ପିଲା ମଧ୍ୟ ଯିବାଆସିବା ପାଇଁ ବହୁତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ଲୋକେ ଏ ବିଷୟରେ ବାରମ୍ବାର ସରପଞ୍ଚ, କପ୍ତିପଦା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି।

ଗ୍ରାମାଞ୍ଚଳର ବିକାଶରେ ଦେଶର ପ୍ରକୃତ ବିକାଶ ହୋଇପାରିବ ବୋଲି ଡିଣ୍ଡିମ ପିଟୁଥିବା ଡବଲ ଇଞ୍ଜିନ ବିଜେପି ସରକାର କେବେ ଉକ୍ତ ଗ୍ରାମରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଛନ୍ତି, ତାହା ଦେଖିବା ପାଇଁ ବାକି ରହିଲା। ଆଗାମୀ ଦିନରେ ଗ୍ରାମ ରାସ୍ତାର ମରାମତି ପାଇଁ କିଛି ପଦକ୍ଷେପ ନ ଗ୍ରହଣ କରାଗଲେ ଗ୍ରାମବାସୀ କପ୍ତିପଦା ବ୍ଲକ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଗ୍ରାମର ୱାର୍ଡ ମେମ୍ବର ବାପିନ ମହାକୁଡ, ଗ୍ରାମର ବାମିଆଁ ସିଂ ଖୁଣ୍ଟିଆ, ରାଉତରାୟ ସିଂ ଖୁଣ୍ଟିଆ, ପାଣ୍ଡୁ ସଏ, ମୁନା ସିଂ ଖୁଣ୍ଟିଆ, ମାର୍କଣ୍ଡ ସିଂ ଖୁଣ୍ଟିଆ, ମାଗାତା ସିଂ ଖୁଣ୍ଟିଆ, ଶିବାନନ୍ଦ ସିଂ ଖୁଣ୍ଟିଆ, ନାରାୟଣ ପୂର୍ତ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଉଦଳା କଲେଜ ଅର୍ଥନୀତି ବିଭାଗର ଆଲୋଚନାଚକ୍ର




**ଗୋପବନ୍ଧୁନଗର/ଉଦଳା,୨୨।୩(ସମିସ):** ଉଦଳା କଲେଜ ଅର୍ଥନୀତି ବିଭାଗ ପକ୍ଷରୁ ଭାରତରେ କୃଷି ବିପଣନ ବର୍ତ୍ତମାନ ଯୁଗରେ ସମସ୍ୟା ଓ ସମାଧାନ ରଣନୀତି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଭୀମ ସୋରେନ ସଭାପତିତ୍ୱ କରିବା ସହିତ ଆଲୋଚ୍ୟ ବିଷୟରେ ସାରମର୍ମ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିବା ସହିତ ଆଲୋଚ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ହରିଶ୍ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, କଲେଜର ବରିଷ୍ଠ କିରାଣି ରଜତ କୁମାର ସୋରେନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚ୍ୟ ବିଷୟକୁ ବିସ୍ତୃତ ଆଲୋଚନା କରିବା ସହିତ ଭାରତରେ କୃଷି ବିପଣନର ସମସ୍ୟାର ସମାଧାନ ପାଇଁ ନୂତନ ଗୋଦାମ, କୋଲ୍ଡ ଷ୍ଟୋରେଜ ବୃଦ୍ଧି, କୃଷିଜାତ ଦ୍ରବ୍ୟର ନ୍ୟୁନତମ ସମର୍ଥନ ମୂଲ୍ୟ ସୁଚିନ୍ତିତ କରିବା, ଗ୍ରାମୀଣ ରାସ୍ତା, ରେଳପଥର ସୁବିଧା, ପରିବହନ ସୁବିଧା, ସରକାରୀ ମଣ୍ଡି ବ୍ୟବସ୍ଥା, ଡିଜିଟାଲ ବଜାର ବିକାଶ, ବଜାର ସୂଚନା ବ୍ୟବସ୍ଥା ସୁଦୃଢ଼ ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ଅଧ୍ୟାପିକା ଭାରତୀ ନାଏକ, ଅଧ୍ୟାପକ ଈଶ୍ୱର ଚନ୍ଦ୍ର ମୁର୍ମୁ ପାୱାର ପଏଣ୍ଟ ମାଧ୍ୟମରେ ଆଲୋଚ୍ୟ ବିଷୟକୁ ଉପସ୍ଥାପନ କରି ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଛାତ୍ରଛାତ୍ରୀଙ୍କ ସନ୍ଦର୍ଭକୁ ବିଶ୍ଳେଷଣ କରିଥିଲେ। ଲକ୍ଷ୍ମଣ ସିଂ, ଚନ୍ଦନ ଟୁଡୁ, ଭାରତୀ ସିଂ ପ୍ରମୁଖ ଛାତ୍ରଛାତ୍ରୀ ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ।

● ସଙ୍ଘବଦ୍ଧ ଆକ୍ରମଣ ଶିକାର

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର




**ବାରିପଦା,୨୨।୩(ସମିସ):** ସୁବର୍ଣ୍ଣରେଖା କେନାଲ କାମକୁ କେନ୍ଦ୍ର କରି ୧୮ ତାରିଖରେ ବଡ଼ସାହି ଥାନା ଭଣ୍ଡାରିକୁଲା ଗ୍ରାମ ଘଟଣାରେ ପୁଲିସର ନିରବତା ଅବଲମ୍ବନ କରିଛି। ଫଳରେ ସଙ୍ଘବଦ୍ଧ ଆକ୍ରମଣର ଶିକାର ହୋଇଥିବା ପରିବାର ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବଡ଼ସାହି ଥାନା ଅଧୀନ ଭଣ୍ଡାରିକୁଲା ଗ୍ରାମ ଦେଇ ସୁବର୍ଣ୍ଣରେଖା କେନାଲ କାମ ଚାଲିଥିବାବେଳେ ଯିବା ଆସିବା ରାସ୍ତାରେ ମାଟି ଗଦା ହୋଇଥିବାରୁ ଚଳପ୍ରଚଳରେ ବାଧା ଉପୁଜିଥିଲା। ଏହାକୁ ଗ୍ରାମର ଲୋକେ ସମ୍ପୃକ୍ତ ଠିକାଦାରଙ୍କୁ ମାଟି ଉଠାଇବାକୁ କହିଥିଲେ। ମାତ୍ର ଠିକାଦାର ଲୋକଙ୍କ କଥା ନ ମାନି କାର୍ଯ୍ୟ କରୁଥିଲେ। ଏହାକୁ ବିରୋଧ କରି ଗ୍ରାମବାସୀ କାର୍ଯ୍ୟ ବନ୍ଦ କରିଥିଲେ। ଯାହାକୁ ନେଇ ଘଟଣା ଉଗ୍ରରୂପ ଧାରଣ କରିଥିଲା। ବୁଧବାର ଅପରାହ୍ନ ୨ଟା ସମୟରେ ୨୫/୩୦ଟି ବାଇକ୍‌ରେ ଦୁଇଜଣ ଲେଖାଏଁ ୬୦ରୁ ଅଧିକ ଅସାମାଜିକ ଯୁବକ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏପରିକି ମହିଳାଙ୍କୁ ଅସଦାଚରଣ କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଗ୍ରାମର ବିରାମ ମୁର୍ମୁ, ବାସୁ ମୁର୍ମୁ ଓ ପାରା ମୁର୍ମୁ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ରହିଛନ୍ତି। ଏ ସଂକ୍ରାନ୍ତରେ ବିରାମଙ୍କ ଝିଅ ରଶ୍ମିତା ଲିଖିତ ଅଭିଯୋଗ କରିବା ପରେ ପୁଲିସ ଜନାର୍ଦ୍ଦନ ମହାନ୍ତ, ସଂଗ୍ରାମ ଦେଓ ଓ ଅନ୍ୟ ୨୫ ଜଣଙ୍କ ନାମରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ ହେଁ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରିନାହିଁ। ଫଳରେ ଆକ୍ରମଣର ଶିକାର ପରିବାର ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି।

ନାହିଁ ନାହିଁରେ ଚାଲିଛି ବେତନଟୀ ଡାକ୍ତରଖାନା

# ଡାକ୍ତର ମାଳ ମାଳ, ମିଳୁନି ଔଷଧ

**ବେତନଟୀ, ୨୨।୩(ସମିସ):**

ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଡାକ୍ତରଖାନାର ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ଦୈନିକ ଶତାଧିକ ରୋଗୀ ଦୂରଦୂରାନ୍ତରୁ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ସତ୍ତ୍ୱେ ମୌଳିକ ସୁବିଧାର ଅଭାବ ସେମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି। ଆତ୍ମଘୋଷିତ ଲୋକପ୍ରିୟ ବିଧାୟକଙ୍କ କଥା କଥିତ

### ଏକ୍ସରେ ମେସିନ୍ ଖରାପ, ପ୍ରାଇଭେଟ୍ କ୍ଲିନିକ୍ ଯିବାକୁ ବାଧ୍ୟ ହେଉଛନ୍ତି ରୋଗୀ

ଚେଷ୍ଟା ଓ ବିଧାନସଭାରେ ବାରମ୍ବାର ପ୍ରଶ୍ନ କରିବା ହେତୁ ବେତନଟୀ ଡାକ୍ତରଖାନାକୁ ମାଳ ମାଳ ଡାକ୍ତର ଆସିଛନ୍ତି। ହେଲେ ଲୋକଙ୍କୁ ଦରକାରୀ ଔଷଧ ମିଳୁନାହିଁ। ମିଳୁନି ୟୁରିନ୍ ଟେଷ୍ଟ ପାଇଁ ଷ୍ଟେରିଲାଇଜ କଣ୍ଟେନର ତ କେବେ ଏକ୍ସରେ ମେସିନ୍ ଅଚଳ ଅବସ୍ଥାରେ ପଡିରହିଛି। ଲୋକଙ୍କ ଏହି ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ ପାଇଁ ଆମ




ପ୍ରତିନିଧି ଡାକ୍ତରଖାନାକୁ ଯାଇଥିଲେ। ଡାକ୍ତରଖାନା ପରିଦର୍ଶନ ସମୟରେ ଦେଖାଗଲା ଯେ, ଲୋକମାନେ କରୁଥିବା ଅଭିଯୋଗ ସତ ପ୍ରମାଣିତ ହୋଇଛି।

ପ୍ରାୟ ଗତ ୧ ମାସ ଧରି ଏକ୍ସରେ ମେସିନ୍ ଅଚଳ ଅବସ୍ଥାରେ ପଡ଼ିରହିଛି। ଫଳରେ ରୋଗୀଙ୍କୁ ପ୍ରାଇଭେଟ୍ କ୍ଲିନିକ ବା ପ୍ରାଇଭେଟ୍ ସେଣ୍ଟରରେ ଏକ୍ସରେ ଓ ଟେଷ୍ଟ କରିବାକୁ ନଚେତ ବାରିପଦା ପିଆରଏମ ଡାକ୍ତରଖାନାକୁ ଯିବାକୁ ବାଧ୍ୟ କରାଯାଉଛି। ରୋଗୀଙ୍କୁ ଔଷଧ ମିଳୁନି। ଡାକ୍ତରମାନେ ଯଦି ୫ଟି ଔଷଧ ଲେଖୁଛନ୍ତି, ସେଥିରୁ ୨ଟି ଡାକ୍ତରଖାନାରେ ମିଳୁନାହିଁ। ଆଜ୍‌ମା ରୋଗୀଙ୍କୁ ପ୍ରାୟ ୩-୪ ମାସ ହେବ ମିଳିପାରିନି ଅତିଆବଶ୍ୟକ ଇନହେଲର। ଡାକ୍ତରଖାନା ପକ୍ଷରୁ ରୋଗୀଙ୍କୁ ପରେ ଆସିବାକୁ କୁହାଯାଉଛି। ଯାହା ସେମାନଙ୍କ ପାଇଁ ଅଧିକ ଅସୁବିଧାର କାରଣ ହେଉଛି। ଏଥିସହ ଲ୍ୟାବ୍ ପରୀକ୍ଷାରେ ମଧ୍ୟ ନାନାଦି ଅବହେଳା ଦେଖିବାକୁ ମିଳିଛି। ୟୁରିନ୍ ଟେଷ୍ଟ ପାଇଁ ଡାକ୍ତରଖାନାରେ ଯଥୋଚିତ ଷ୍ଟେରିଲାଇଜ କଣ୍ଟେନର ନ ଥିବାରୁ ରୋଗୀଙ୍କୁ ବାହାରୁ ଡବା ଆଣିବାକୁ କୁହାଯାଉଛି। କେତେକ ସମୟରେ ପୁରୁଣା, ପରିତ୍ୟକ୍ତ ଇଞ୍ଜେକ୍ସନ ବୋତଲ ଦେଇ ସ୍ୟାମ୍ପଲ ନେବାକୁ କୁହାଯାଉଥିବା ଅଭିଯୋଗ ମଧ୍ୟ ଆସିଛି। ଏହା ସ୍ୱଚ୍ଛତା ଓ ସଠିକ୍ ପରୀକ୍ଷା ଫଳ ନେଇ ଗଭୀର ପ୍ରଶ୍ନ ଉଠାଇଛି। ଏହି ସମସ୍ତ ସମସ୍ୟା ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରୁଥିବାବେଳେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସ୍ପଷ୍ଟ ଉତ୍ତର ମିଳିନାହିଁ। ସେହିପରି ରୋଗୀ ରବୀନ୍ଦ୍ର ବାରିକଙ୍କୁ ପଚାରିବାରୁ ସେ କୁହନ୍ତି, ଆଗ ସରକାର ଠିକ୍ ଥିଲା। ଯେତେବେଳେ ଗଲେ ଯେକୌଣସି ଓଷଧ ମିଳୁଥିଲା। ଇନହେଲର ମଧ୍ୟ ମିଳୁଥିଲା। କିନ୍ତୁ ଏ ନୂଆ ସରକାର ଆସିବା ପରଠୁ ଖାଲି ରଙ୍ଗ ବଦଳିଲା। ଔଷଧ କି ଇନହେଲର କିଛି ଠିକ୍ ସମୟରେ ମିଳୁନାହିଁ।

## ଉତ୍ତର ଓଡ଼ିଶା ଇତିହାସ କଂଗ୍ରେସର ମହାସମ୍ମେଳନ




**ବାରିପଦା,୨୨।୩(ସମିସ):** ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍ତର ଓଡ଼ିଶା ଇତିହାସ କଂଗ୍ରେସର ମହାସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସମ୍ମେଳନକୁ ଉଦଘାଟନ କରିଥିଲେ। ମନ୍ତ୍ରୀ ଡା. ମହାପାତ୍ର ଇତିହାସକୁ ନେଇ ବର୍ତ୍ତମାନ ଓ ବର୍ତ୍ତମାନକୁ ନେଇ ଭବିଷ୍ୟତ, ଇତିହାସ ଗବେଷଣା କ୍ଷେତ୍ରରେ ଉତ୍ତର ଓଡ଼ିଶା ଇତିହାସ କଂଗ୍ରେସ ଏକ ଯୁଗାନ୍ତକାରୀ ଅଧ୍ୟାୟ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଯୋଗଦେଇ ସମ୍ମେଳନର ଆୟୋଜନକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଅଶୋକ ପଟ୍ଟନାୟକ ଯୋଗଦେଇ ଆଞ୍ଚଳିକ ଇତିହାସର ଅନାଲୋଚିତ ଦିଗ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ସଂଗଠନର ଆଞ୍ଚଳିକ ସମ୍ପାଦିକା ରାଇମଣି ମାରାଣ୍ଡି ଅତିଥି ପରିଚୟ ପ୍ରଦାନ ସହ ଅଧିବେଶନକୁ ପରିଚାଳନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ମେଜର ଡ. କଳ୍ପନା ଦାସ ଯୋଗ ଦେଇ ଇତିହାସ ଗୋଟିଏ ଜାତିର ଗୌରବବୋଧ ଓ ଏହାର ରକ୍ଷଣ ଉତ୍ତର ପିଢ଼ିର ଦାୟିତ୍ୱ ବୋଲି କହିଥିଲେ।

ଅନ୍ୟତମ ବିଶିଷ୍ଟ ଅତିଥି ପ୍ରଫେସର ହରିହର ପଣ୍ଡା ଓ ପ୍ରଫେସର ରାମଚନ୍ଦ୍ର ମିଶ୍ର ଇତିହାସ ସଭ୍ୟତାର ପ୍ରତିଛବି, ଉତ୍ତର ଓଡ଼ିଶାର ଅଜ୍ଞାତ ଇତିହାସକୁ ଲୋକଲୋଚନକୁ ଆଣିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ତର ଓଡ଼ିଶା ଇତିହାସ କଂଗ୍ରେସ ସଭାପତି ଡ ଭାଗବତ ତ୍ରିପାଠୀ ନିଜର ସଭାପତିତ୍ୱ ଅଭିଭାଷଣରେ ଉତ୍ତର ଓଡ଼ିଶାର ପ୍ରତ୍ନ ତାତ୍ତ୍ୱିକ ବିଭବ ଉପରେ ଆଲୋକପାତ କରିଥିବାବେଳେ ସାଧାରଣ ସମ୍ପାଦକ ଡ ପ୍ରତାପ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଷୟିକ ଅଧିବେଶନରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ଗବେଷକଙ୍କ ଦ୍ୱାରା ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା। ଡ. ଉତ୍ପଳ ନାୟକ ପ୍ରବନ୍ଧର ସମୀକ୍ଷା କରିଥିଲେ। ଏ ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ସବ୍ୟସାଚୀ ଦାସଙ୍କ ରଚିତ 'ଅତୀତର ମୟୂରଭଞ୍ଜ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏମ୍‌ପିସି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାନ୍ତାଳ ଜନଜାତି ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ତର ଓଡ଼ିଶା ଇତିହାସ କଂଗ୍ରେସର ସହସମ୍ପାଦିକା ଜ୍ୟୋସ୍ନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମେଳନରେ ଉତ୍ତର ଓଡ଼ିଶାର ଦୁଇଶହରୁ ଅଧିକ ଇତିହାସ ଅଧ୍ୟାପକ-ଅଧ୍ୟାପିକା, ଗବେଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଚାଷୀଙ୍କ ଆୟ ବୃଦ୍ଧି କର୍ମଶାଳା

**ବାରିପଦା, ୨୨।୩(ସମିସ):** ଆରସେଟିରେ ତାଲିମ ନେଇଥିବା ଓ ତାଲିମ ପାଇଁ ଅପେକ୍ଷାରେ ଥିବା ମୟୂରଭଞ୍ଜ ଜିଲ୍ଲାର ଚାଷୀଙ୍କ ଆୟ ବୃଦ୍ଧି ସହିତ ଆତ୍ମନିର୍ଭରଶୀଳ ସମ୍ପର୍କିତ ଆଲୋଚନା ଶିବିର ସ୍ଥାନୀୟ ଯୋଗ ସେଣ୍ଟର ହଲରେ ଆୟୋଜିତ ହୋଇଯାଇଛି। ଏଥିରେ ବରିଷ୍ଠ ଛତୁ ଚାଷ ଓ କୃଷି ଉଦ୍ୟମୀ ପ୍ରଶିକ୍ଷକ ଶିଶିର କୁମାର ମହାନ୍ତଙ୍କ ଆହ୍ୱାନ କ୍ରମେ ଶତାଧିକ ଚାଷୀ ଯୋଗଦେଇ ଯେକୌଣସି ଚାଷରେ ତାଲିମ ନେବାର ଆବଶ୍ୟକତା, ବ୍ୟବହାରିକ ଜ୍ଞାନ, ବଜାର ବ୍ୟବସ୍ଥା, ଋତୁକାଳୀନ ଚାଷରେ ଲାଭ, ପାରମ୍ପରିକ ଚାଷରୁ ଦୂରେଇ ଆଧୁନିକ ପ୍ରଣାଳୀରେ ଯେକୌଣସି ଚାଷ କରି କେମିତି ଅଧିକ ଲାଭ ହେଉଛି ଓ ହୋଇପାରେ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସ୍ଥାନୀୟ ଗ୍ରାମୀଣ ସ୍ୱରୋଜଗାର ସଂସ୍ଥା ଆରସେଟିରେ ତାଲିମ ନେଇ ରୋଜଗାର ଚାଷ ମାଧ୍ୟମରେ ବହୁଗୁଣ କରିପାରିଛନ୍ତି, ସେ ବିଷୟରେ ମଧ୍ୟ କିଛି ଚାଷୀ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ଫାର୍ମର ପ୍ରଡ୍ୟୁସର କମ୍ପାନୀରେ ସଦସ୍ୟତା ଗ୍ରହଣ କରି ସରକାରୀ ଯୋଜନାରେ ସାମିଲ ହୋଇ ନିଜେ ଅଧିକରୁ ଅଧିକ ଚାଷ କରି ବାହାର ରାଜ୍ୟ ତଥା ଅନ୍ୟ ଦେଶକୁ ନିଜ ଉତ୍ପାଦ କେମିତି ପଠାଇପାରିବେ ଓ ଅଧିକ ଲାଭ ପାଇବେ, ସେ ବିଷୟରେ ମଧ୍ୟ ଆଲୋଚନା କରି ସଭାପତି ଶ୍ରୀ ମହାନ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ସଂକ୍ଷିପ୍ତ ଶ୍ରୀମଦ୍ ଭାଗବତ କଥାମୃତ ପୁସ୍ତକ ଲୋକାର୍ପିତ

**କପ୍ତିପଦା,୨୨।୩(ସମିସ):** ଗୌଡ଼ଗାଁସ୍ଥ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ କପ୍ତିପଦା ମହାବିଦ୍ୟାଳୟର ବରିଷ୍ଠ ଓଡ଼ିଆ ଅଧ୍ୟାପକ, ସ୍ତମ୍ଭକାର ଡ. ଶ୍ରୀହରି ପଣ୍ଡାଙ୍କ ସଂକଳିତ ସଂକ୍ଷିପ୍ତ ଶ୍ରୀମଦ ଭାଗବତ କଥାମୃତ ପୁସ୍ତକ ଇଷ୍ଟଦେବ ରଘୁନାଥଜୀଉଙ୍କୁ ଅର୍ପଣ ପୂର୍ବକ ପାଠକାର୍ପଣ ହୋଇଛି। ଏକ ନିରାଡ଼ମ୍ବର ସଭାରେ ପୁସ୍ତକର ଆଲୋଚକଙ୍କ ପିତା ବିଶିଷ୍ଟ କର୍ମକାଣ୍ଡ ବିଶାରଦ ପୀତାମ୍ବର ପଣ୍ଡା, ମାତା ଶ୍ରୀମତୀ ଭାବନାମଣି ପଣ୍ଡା, ଶ୍ରୀରାମଚରିତ ମାନସର ବିଶିଷ୍ଟ ପ୍ରବଚକ ଗୁରୁ ଆଚାର୍ଯ୍ୟ ବିଜୟ କୁମାର ବ୍ରହ୍ମଚାରୀ, ସହଧର୍ମିଣୀ ସୁଲେଖିକା ବିଦ୍ୟୁତଲତାଙ୍କ କରକମଳରେ ପୁସ୍ତକ ଲୋକାର୍ପଣ କରାଯାଇଛି। ପୁସ୍ତକର ସମୀକ୍ଷା କରି ଆଚାର୍ଯ୍ୟ ବିଜୟ କୁମାର ବ୍ରହ୍ମଚାରୀ ବର୍ତ୍ତମାନ ପରିପ୍ରେକ୍ଷୀରେ ଭଗବାନଙ୍କ ବାଙ୍ଗମୟ ବିଗ୍ରହ ଶ୍ରୀମଦ ଭାଗବତଙ୍କର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚକ ଶ୍ରୀହରି ପଣ୍ଡା ସମୟର ସ୍ୱଳ୍ପତା କାରଣରୁ ଲୋକେ କ୍ରମେ ବିଶାଳ ଶ୍ରୀମଦ ଭାଗବତ ମହାପୁରାଣ ଅଧ୍ୟୟନ କରିବାକୁ ସମୟ ପାଉ ନ ଥିବାରୁ ତାହାର ଆବଶ୍ୟକତା ଏହି କଥାମୃତ ମେଣ୍ଟାଇ ପାରିବ ବୋଲ କହିଥିଲେ। ପୁସ୍ତକ ପ୍ରକାଶକ ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱରର ପ୍ରତିଷ୍ଠାତା ବିଶିଷ୍ଟ କବି ଡ କାଳୀପଦ ପଣ୍ଡା ଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଯୋଗ ଦେଇପାରିନଥିଲେ ହେଁ ନିଜର ବାର୍ତ୍ତାରେ ପୁସ୍ତକର ସଫଳତା କାମନା କରିଥିଲେ। ଲେଖିକା ବିଦ୍ୟୁତଲତା ପଣ୍ଡା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।




## ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଆରମ୍ଭ

**ରାସଗୋବିନ୍ଦପୁର,୨୨।୩(ସମିସ):** ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନଳଗଜାସ୍ଥ ଉପେନ୍ଦ୍ର ନାଥ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଏନଏସଏସ ୟୁନିଟ୍ ଦ୍ୱାରା ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ପ୍ରବୀର କୁମାର ପଟ୍ଟନାୟକ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡା. ଉଷା ଶତପଥୀ, ସାମାଜିକ କର୍ମୀ ଓ ଲେଖକ ଡା. ସତ୍ୟ ସୁନ୍ଦର ସାମନ୍ତ ଓ ପୂର୍ବତନ ଅଧ୍ୟକ୍ଷ ଡା. ସଞ୍ଜୀବ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବଶକ୍ତିର ଗୁରୁତ୍ୱ, ସମାଜ ଗଠନରେ ନେତୃତ୍ୱର ଆବଶ୍ୟକତା ଓ ଏନ୍‌ଏସ୍‌ଏସ୍‌ର ଭୂମିକା ବିଷୟରେ ମତ ପ୍ରକାଶ କରିଥିଲେ। ଯୁବମାନେ ଦେଶର ଭବିଷ୍ୟତ ଓ ସମାଜ ପରିବର୍ତ୍ତନର ପ୍ରମୁଖ ଶକ୍ତି ବୋଲି ସେମାନେ ଉଲ୍ଲେଖ କରିଥିଲେ। ଏ ଅବସରରେ ଏନଏସଏସ ପ୍ରୋଗ୍ରାମ ଅଫିସର ଅରୋ ପ୍ରସାଦ ପରିଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ସୂଚନା ଦେଇଥିଲେ। ତିନିଦିନିଆ ଏହି ପ୍ରଶିକ୍ଷଣ ଶିବିରରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୧୦୦ ଜଣ ଏନଏସଏସ ସେବକ-ସେବିକା ଅଂଶଗ୍ରହଣ କରିବେ। ପ୍ରଶିକ୍ଷଣ ଅବଧିରେ ନେତୃତ୍ୱ ବିକାଶ, ସମାଜ ସେବା, ସ୍ୱାସ୍ଥ୍ୟ ସଚେତନତା ଓ ଦଳୀୟ କାର୍ଯ୍ୟକଳାପ ଉପରେ ବିଭିନ୍ନ ସେସନ୍ ଆୟୋଜିତ ହେବ। ଡକ୍ଟର ଅବନୀ କାନ୍ତ ଗିରି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅରୋ ପ୍ରସାଦ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।



ନିମ୍ନମାନର ରାସନ ଚାଉଳ ପ୍ରଦାନ ଅଭିଯୋଗ

# ଖୁଦ ମିଶା ଚାଉଳରେ ପୋକ; ହେଉଛି ଦୁର୍ଗନ୍ଧ

**ବଡ଼ସାହି,୨୨।୩(ସମିସ):**

ମୟୂରଭଞ୍ଜ ଜିଲ୍ଲାର ସବୁଠାରୁ ବଡ଼ ବ୍ଲକ୍ ବଡ଼ସାହି। ଏହି ବ୍ଲକ୍ ଅଧୀନରେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ ଆଦିବାସୀ ସମ୍ପ୍ରଦାୟର। ଯେତେ ଯାହା ରୋଜଗାର କଲେ ମଧ୍ୟ ରାସନ ଚାଉଳକୁ ଚାହିଁ ବସିଥା'ନ୍ତି। ଚଳିତ ମାସ ପ୍ରଥମ ସପ୍ତାହରେ ବଣ୍ଟନ ହୋଇଥିବା ଏପ୍ରିଲ ମାସର ଚାଉଳ ଅତ୍ୟନ୍ତ ନିମ୍ନମାନର ଅଭିଯୋଗ ହୋଇଛି। ଖୁଦ ମିଶା ନାଲି ଓ ପୋକରା ଚାଉଳ ପ୍ରଦାନ କରାଯାଇଥିବାରୁ ହିତାଧିକାରୀ ତାହାକୁ ଖାଦ୍ୟ ରୂପେ ବ୍ୟବହାର କରିପାରୁନାହାନ୍ତି। ସେଥିରୁ ଦୁର୍ଗନ୍ଧ ବାହାରୁଛି। ଜଣେ ୬୫ ବର୍ଷର ବୃଦ୍ଧା ଏହି ଚାଉଳରେ ଭାତ ଖାଇ ନ ପାରି ନିଜର କ୍ଷୋଭ ପ୍ରକାଶ କରିବା ସହିତ ଯେଉଁମାନେ ଗରିବ ଲୋକଙ୍କୁ ଏପରି ଚାଉଳ ଦେଇ ନିଜ ପକେଟ ଗରମ କରୁଛନ୍ତି, ଆମକୁ ଉପାସରେ ରଖୁଛନ୍ତି; ସେମାନଙ୍କୁ



ପେଟ ବିନ୍ଧାରୋଗ ହେବ ବୋଲି କହିଛନ୍ତି।

ଏହି ଚାଉଳ ପ୍ରଦାନରେ ଏକ ର୍‌ୟାକେଟ କାମ କରୁଥିବା ଜଣାଯାଇଛି। ଯେପରି ଉପାୟରେ ହେଉ ନଷ୍ଟ ହେବାକୁ ବସିଥିବା ଏହି ଚାଉଳକୁ ଲୋକଙ୍କୁ ବଣ୍ଟନ କରି ଦେବାକୁ ବିଭାଗୀୟ ସ୍ତରରେ ବିଧିବଦ୍ଧ ଯୋଜନା କରାଯାଇଛି। ଆହୁରି ୨ ମାସର ଏହି ଖୁଦ ମିଶା ନାଲି ଚାଉଳ ହିତାଧିକାରୀଙ୍କୁ ଦେବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି। ସବୁ ବ୍ଲକ୍‌କୁ ଏହି ଚାଉଳ ଯାଇ ନ ଥିବାବେଳେ ବଡସାହିକୁ କାହିଁକି ବୋଲି ପ୍ରଶ୍ନ ଉଠିଛି। ଫଳରେ ବିଭିନ୍ନ ସ୍ଥାନରେ ଚାଉଳ ପ୍ରଦାନ ସମୟରେ ଚାପା ଉତ୍ତେଜନା ଦେଖାଦେଇଛି। ଆଗାମୀ ଦିନରେ ଭଲ ଚାଉଳ ପ୍ରଦାନ ନ କଲେ ସିଏସଓ ଅଫିସ ସମ୍ମୁଖରେ ଏହି ଖରାପ ଚାଉଳକୁ ନେଇ ଲୋକ ଢାଳିବେ ବୋଲି ପ୍ରକାଶ କରିଛନ୍ତି। ବଡସାହି ବ୍ଲକ୍‌ରେ ୩୫ ହଜାରରୁ ଊର୍ଦ୍ଧ୍ୱ ରାସନ କାର୍ଡ ଥିବାବେଳେ ୧ ଲକ୍ଷ ୩୩ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ସାମିଲ ହୋଇଛନ୍ତି। ଏଥିପାଇଁ ପ୍ରତିମାସ ୧୦ ହଜାର କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳର ଆବଶ୍ୟକତା ରହିଛି। ୮୦ ପ୍ରତିଶତ ହିତାଧିକାରୀ ରାସନ ଚାଉଳ ଉପରେ ନିର୍ଭର କରୁଥିବାବେଳେ ବିଭାଗ ପକ୍ଷରୁ ଏଭଳି ଖାଇବା ଅନୁପଯୋଗୀ ନିମ୍ନମାନର ଚାଉଳ ପ୍ରଦାନକୁ ନେଇ ଅସନ୍ତୋଷ ଦେଖାଦେଇଛି। ଉଚ୍ଚ ବିଭାଗୀୟ ଅଧିକାରୀ ଏହାକୁ ନଷ୍ଟ ହୋଇଯାଇଥିବା ନ ଦର୍ଶାଇ ସାଧାରଣ ଲୋକଙ୍କୁ ବଣ୍ଟନ କରିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ ଉଠିଛି। ଏଥିପାଇଁ ବିଭାଗ ମଧ୍ୟରେ କାଦୁଅ ଫିଙ୍ଗାଫିଙ୍ଗି ଚାଲିଥିବାବେଳେ କେହି ଦୋଷ ମୁଣ୍ଡାଇବାକୁ ନାରାଜ। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ହେଉଛି, ଆଗକୁ କିପରି ସେପରି ଚାଉଳ ପ୍ରଦାନ କରା ନ ଯିବ ସେଥିପ୍ରତି ମୁଁ ଦୃଷ୍ଟି ଦେବି।

## ଗାଡ଼ି ଅଟକାଇ ଆକ୍ରମଣ କରି ଲୁଟିଲେ ଦୁର୍ବୃତ୍ତ

● ଭୟଭୀତ କରିବାକୁ ଗାଡ଼ି ଚୁରମାର କରିଦେଲେ



**ବୈଶିଙ୍ଗା, ୨୨।୩ (ସମିସ):** ବୈଶିଙ୍ଗା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ଗ୍ୟାଙ୍ଗୱାର ସମେତ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବଢ଼ି ଚାଲିଛି। ଶୁକ୍ରବାର ରାତିରେ ୧୮ ନଂ ଜାତୀୟ ରାଜପଥ ଯୁଗଳ ଛକରେ ଦୁର୍ବୃତ୍ତମାନେ ଏକ ଥର ଗାଡ଼ିକୁ ଅଟକାଇ ବନ୍ଧୁକ ଓ ତେଲେଙ୍ଗା କଟୁରୀରେ ଆକ୍ରମଣ କରି ଗାଡ଼ି ଭାଙ୍ଗି ଚୁରମାର କରିବା ପରେ ସୁନା ଚେନ୍ ଓ ବ୍ରେସଲେଟ ଲୁଟି ନେଇଥିବା ଅଭିଯୋଗ ହୋଇଛି। ବଡ଼ସାହି ଥାନା ଅଧୀନ ଗମ୍ଭାରିଆ ଗ୍ରାମର ସ୍ୱର୍ଗତ ମୁକ୍ତେଶ୍ୱର ଗିରିଙ୍କ ପୁଅ ଚନ୍ଦନ ଗିରି ଥର ଗାଡ଼ି ଯୋଗେ ନଛିପୁରିଆ ଗ୍ରାମର କାହ୍ନୁଚରଣ ବାରିକ ଓ କେନ୍ଦୁଆ ଗ୍ରାମର ବିଶ୍ୱଜିତ ଦାସ ସହିତ ବାରିପଦା ଅଭିମୁଖେ ଯାଉଥିବାବେଳେ ଧଳା ରଙ୍ଗର ସ୍କୋର୍ପିଓ ସମେତ ନମ୍ବର ବିହୀନ କାର୍ ଯୋଗେ ଆସି କିଶୋର ସେନାପତିଙ୍କ ପୁଅ ମୋହିତ ସେନାପତି, ଅଁଳା ଅଞ୍ଚଳର ଗୌରହରୀ ଦଳେଇଙ୍କ ପୁଅ ବାପୁ ଦଳେଇ, ମହୁରୀ ଗ୍ରାମର ବିଜୁ ଦଳେଇ, ଅଭିରାମ ଦଳେଇ, ଖୁଣ୍ଟାପୁର ଗ୍ରାମର କରୁଣାକର ଦାସଙ୍କ ପୁଅ ମଣି ଓରଫ ନିରଞ୍ଜନ ଦାସ, ଗଡପଦା ଗ୍ରାମର ରାମଚନ୍ଦ୍ର ପଣ୍ଡାଙ୍କ ପୁଅ ରାଜନ ପଣ୍ଡା, ନହରପାଟଣା ଅଞ୍ଚଳର ସିଲୁ ସମେତ ୧୫ରୁ ୨୦ ଜଣ ଯୁବକ ଆସି ଗାଡ଼ିକୁ ଅଟକାଇ ବନ୍ଧୁକ, ତେଲେଙ୍ଗା କଟୁରୀ ସମେତ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଗାଡ଼ି ଭିତରୁ ବାହାରକୁ ଘୋଷାଡ଼ି ଆଣିଥିଲେ। ପରେ ଗାଡ଼ିକୁ ଭାଙ୍ଗି ଚୁରମାର କରି ଦେଇଥିବାବେଳେ ତେଲେଙ୍ଗା କାଟୁରୀ ଆକ୍ରମଣରେ ବିଶ୍ୱଜିତ ଦାସ ଆହତ ହୋଇଥିଲେ। ଏହାପରେ ଚନ୍ଦନ ପିନ୍ଧିଥିବା ସୁନା ଚେନ୍ ଓ ବ୍ରେସଲେଟ ଛିଣ୍ଡାଇ ନେଇଥିଲେ। ଏ ନେଇ ଚନ୍ଦନ ଶନିବାର ବୈଶିଙ୍ଗା ଥାନାରେ ଅଭିଯୋଗ କରିଛନ୍ତି।

# ବସ୍ ଦୁର୍ଘଟଣାଗ୍ରସ୍ତ; ୪ ଆହତ



ରାଜଘାଟ,୨୨।୩(ସମିସ): ୧୬ ନମ୍ବର ଜାତୀୟ ରାଜପଥର ଭେଲୋରା ଛକ ନିକଟରେ ଯାତ୍ରୀବାହୀ ବସ୍ ଜୈନିକ ସାଇକେଲ ଆରହୀଙ୍କୁ ଧକ୍କା ଦେବା ସହ ରାସ୍ତା ପାଶ୍ୱର୍ରେ ଛିଡ଼ା ହୋଇଥିବା କଣ୍ଟେନରକୁ ପଛପଟୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ୪ଜଣ ଆହତ ହୋଇଛନ୍ତି। ସୂଚନାରୁ ପ୍ରକାଶ ସ୍ଥାନୀୟ ଭେଲୋରା ଗ୍ରାମର ପଦ୍ମଲୋଚନ ସାହୁଙ୍କ ପୁଅ ଅଭିଜିତ(୧୬) ନିଜ ଘରୁ ବାହାରି ଅମର୍ଦ୍ଦାରୋଡସ୍ଥିତ ଏକ ଘରୋଇ ଛାତ୍ରାବାସକୁ ସାଇକଲ ଯୋଗେ ଯାଉଥିଲେ। ଏହି ସମୟରେ ଉକ୍ତ ଛକ ନିକଟରେ ଦୀଘାରୁ ବାଲେଶ୍ୱର ଅଭିମେଖେ ଯାଉଥିବା ନୁରାନି (ଓଡି ୦୧କ୍ୟୁ ୫୭୫୫) ନାମକ ଯାତ୍ରୀବାହୀ ବସ ଭାରସାମ୍ୟ ହରାଇ ଅଭିଜିତଙ୍କୁ ପଛ ପଟୁ ଧକ୍କା ଦେବା ସହ ରାସ୍ତା ପାଶ୍ୱର୍ରେ ଛିଡ଼ା ହୋଇଥିବା ଏକ କଣ୍ଟେନରକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଅଭିଜିତଙ୍କ ସମେତ ବସରେ ୨୨ ଜଣ ଯାତ୍ରୀଙ୍କ ମଧ୍ୟରୁ ୩ ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଜାତୀୟ ରାଜପଥ ପହରା ପୁଲିସ ଓ ଜାତୀୟ ରାଜପଥ କର୍ମଚାରୀ ପହଞ୍ଚି ବସଟିକୁ ରାଜପଥ ପାଶ୍ୱର୍କୁ ଅପସାରଣ କରି ଯାତାୟାତକୁ ସ୍ୱାଭାବିକ କରିଥିଲେ। ବସ୍ତା ପୋଲିସ ପହଞ୍ଚି ବସ ଓ ସାଇକଲକୁ ଜବତ କରି ଅଧିକ ତଦନ୍ତ ଜାରିରଖିଛି।

# କଇଥଗଡ଼ିଆ-ଡୁଙ୍ଗୁରା ରାସ୍ତା ବିପର୍ଯ୍ୟସ୍ତ; ଯମ ଯନ୍ତ୍ରଣା ଭୋଗୁଛନ୍ତି ଯାତ୍ରୀ

ଖଇରା,୨୨।୩(ସମିସ)



ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ୬ ପଞ୍ଚାୟତକୁ ସଂଯୋଗ କରୁଥିବା କଇଥଗଡ଼ିଆ-ଡୁଙ୍ଗୁରା ରାସ୍ତା ନିର୍ମାଣରେ ଅନିୟମିତତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ଜଣେ କଳାତାଲିକାଭୁକ୍ତ ଠିକାଦାରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଚାଲୁଥିବାରୁ ପ୍ରତ୍ୟେକଟି କାର୍ଯ୍ୟରେ ଦୁର୍ନୀତି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯଦି ଶେଷ ହୋଇଥିବା କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରା ନଯାଏ, ତେବେ ୬ ପଞ୍ଚାୟତର ଜନସାଧାରଣ ସୋର-କୁପାରୀ ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଆସୁଥିବା ଏହି ରାସ୍ତାର ୫.୧୫୬କିମି ରାସ୍ତାରେ କଂକ୍ରିଟ ଓ ପିଚୁ କରାଯିବାକୁ ପାଖାପାଖି ୨କୋଟି ୮୧ଲକ୍ଷ ଟଙ୍କା ଟଙ୍କା ପ୍ରଦାନ କରାଯାଇଥିଲା। ରାସ୍ତାର କାମପାଇଁ ଶୁଭ୍ରାଂଶୁ ଶେଖର ନାୟକ ଟେଣ୍ଡର ନେଇଥିଲେ ହେଁ ଅନ୍ୟ ଜଣେ କଳାତାଲିକାଭୁକ୍ତ ଠିକଦାରଙ୍କ ଜରିଆରେ ଏହି କାମ ଚାଲିଥିବାରୁ ପେବର ବ୍ଲକ ଟାଇଲ ବିଛାଣ, ମେଟାଲିଂ, ଡଷ୍ଟ ବିଛାଯିବା ଭଳି ପ୍ରତ୍ୟେକ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଛି। ସେହିଭଳି ତୋରାଣିପଦା/ପଳସା ମଝିରେ ଗେଙ୍ଗୁଟି ନଦୀ ଉପରେ ପୁରୁଣା ପୋଲ ନିକଟରେ ନୂଆପୋଲ ଫାଉଣ୍ଡେସନ ଖୋଳାରେ ସୀମିତ ରହିଛି। ଯାତ୍ରୀମାନେ ବିପଦସଂକୁଳ ଅବସ୍ଥାରେ ଥିବାବେଳେ ଏହି ପୁରୁଣା ପୋଲ ଉପରେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ରାସ୍ତାର କଇଥଗଡ଼ିଆ ନିକଟରେ ପ୍ରଥମେ ରାସ୍ତା କାମ ଆରମ୍ଭ କରି ଅସଂପୂର୍ଣ୍ଣ ଅବସ୍ଥାରେ ଛାଡ଼ି ଦିଆଦିଆଯାଇଥିବାରୁ ଏବେ ଲୋକଙ୍କ ଯାତାୟାତ ମୁସ୍କିଲ ହୋଇ ପଡ଼ିଛି। ସେହିଭଳି ଆଳଦା ଛକରୁ ମଡାପଦା ପର୍ଯ୍ୟନ୍ତ ନିର୍ମିତ କଂକ୍ରିଟ ରାସ୍ତା କଡ଼ ମାଟି ଫିଲିଂ କରାଯାଉନଥିବାରୁ ରାସ୍ତାକଡ଼ରେ ପାଣି ଜମିରହିବା ସହ ଛୋଟବଡ ଦୁର୍ଘଟଣା ଘଟୁଛି। ୧ମାସ ତଳେ ଉକ୍ତ ରାସ୍ତାରେ ବିଭାଗୀୟ ତଦନ୍ତ କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଠିକାଦାରଙ୍କ ଉପରେ କୌଣସୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଏଭଳି ତଦନ୍ତର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତଙ୍କ ପ୍ରତିକ୍ରିୟା ନିଆଯିବାରେ ଠିକାଦାରଙ୍କୁ କାର୍ଯ୍ୟ ସମ୍ପର୍କରେ ଚିଠି କରାଯାଇଛି। ଯଦି କାମର ମାନ ଠିକ ନରୁହେ ତେବେ ବିଲ ଦିଆଯିବ ନାହିଁ ବୋଲି କହିଛନ୍ତି।

**ଉଚ୍ଚସ୍ତରୀୟ ତଦନ୍ତ ନ ହେଲେ ଆନ୍ଦୋଳନ ଚେତାବନୀ**

# ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ଉତ୍କଳ ଦିବସ ପ୍ରସ୍ତୁତି ବୈଠକ



ଜଳେଶ୍ୱର ବ୍ଲକ୍,୨୨।୩(ସମିସ): ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ସମ୍ପାଦକ ସୁନୀଲ କୁମାର ନାୟକଙ୍କ ବାସଭବନରେ ୯୧ ତମ ଉତ୍କଳ ଦିବସ ଓ ଓଡ଼ିଆ ପକ୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଅଛି। ଉକ୍ତ ପ୍ରସ୍ତୁତି ବୈଠକରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ସଭାପତି ତଥା କେନ୍ଦ୍ରୀୟ ଉପସଭାପତି ଉପସ୍ଥିତ ରହି ଉତ୍କଳ ଦିବସ ପାଳନ ଏବଂ ଓଡ଼ିଆ ପକ୍ଷ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଉକ୍ତ ଉତ୍ସବ ପିଏମଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆ ବଜାର ସମ୍ମିଳନୀ କକ୍ଷରେ ୧ ଏପ୍ରିଲ ଅପରାହ୍ନ ୩ ଘଟିକା ସମୟରେ ଜଳେଶ୍ୱର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଆନୁଷ୍ଠାନିକ ଭାବରେ ଉଦଘାଟନ କରିବେ। ତତ୍ ସହିତ ବିଶିଷ୍ଟ ଅତିଥି ମାନଙ୍କର ଯୋଗଦେବାର କାର୍ଯ୍ୟକ୍ରମ ରହିଅଛି। ଜଳେଶ୍ୱର ବ୍ଲକ ଏବଂ ମୁନିସିପାଲିଟିର ବିଭିନ୍ନ ବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ କବିତା ପାଠ ଉତ୍ସବ, ଚିତ୍ରାଙ୍କନ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା, ଓଡ଼ିଆ ହସ୍ତାକ୍ଷର ଲିଖନ ପ୍ରଭୃତି କାର୍ଯ୍ୟକ୍ରମ ପାଳନ କରାଯିବ। ତତ୍ ସହିତ ଓଡ଼ିଶା ସରକାରଙ୍କର ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରେରିତ ବିଭିନ୍ନ ସାଂସ୍କୃତିକ ଦଳ ସେମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ଶାଖାର ଉପସଭାପତି ଅଶୋକ କୁମାର ଦାସ, ଡଃ ଅଜିତ କୁମାର ମହାନ୍ତି, ସହ ସମ୍ପାଦକ ହେମନ୍ତ ଗିରି, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ସମରେଶ ଦିନ୍ଦା, ପ୍ରାଣକୃଷ୍ଣ ଗିରି, ଜ୍ଞାନେନ୍ଦ୍ର ଜେନା, ସୁଷମା ରାଣୀ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ ଶେଷରେ କୋଷାଧ୍ୟକ୍ଷ ରବିନ୍ଦ୍ର ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୀନଦୟାଲ ପ୍ରଶିକ୍ଷଣ ଅଭିଯାନ

କାଳିପଦା,୨୨।୩(ସମିସ): ଭାରତୀୟ ଜନତା ପାର୍ଟି ପକ୍ଷରୁ ଶନିବାର ଓ ରବିବାର ଦୁଇ ଦିନ ଧରି ବିଷ୍ଣୁପୁର ପଞ୍ଚାୟତ ଇକଡ଼ପାଳ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ମଣ୍ଡଳ ସଭାପତି ଅକ୍ଷୟ କୁମାର ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅଂଶୁମାନ ମହାନ୍ତି, ଅରବିନ୍ଦ ବେହେରା, ରବୀନ୍ଦ୍ର କୁମାର ଅଣ୍ଡିଆ, ମାଳତୀ ନାୟକ, ଗୀତାରାଣୀ ମାହାନା, ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପରେ ଚାରୋଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇ ଥିଲା। ଏଥିରେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଗୋପାଳ ପଣ୍ଡା, ଦଳୀୟ ଜିଲ୍ଲା ସମ୍ପାଦକ ରାଧାକୃଷ୍ଣ ପ୍ରଧାନ, ବସନ୍ତ କୁମାର ବାରିକ, ଯଶୋବନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ମା’ ବାସନ୍ତୀ ମାତାଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଜଳେଶ୍ୱର,୨୨।୩ (ସମିସ): ଜଳେଶ୍ୱର ବ୍ଲକ୍ ଶିଖରପୁର ଗ୍ରାମ ପଞ୍ଚାୟତର ଶିଖରପୁର ଚକହରି ଠାରେ ଆଜିଠାରୁ ମା’ ବାସନ୍ତୀ ମାତାଙ୍କ ନୂତନ ମନ୍ଦିର ଓ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୨୮ ତାରିଖରେ ଉଦ୍‌ଯାପିତ ହେବ। ପ୍ରତିଷ୍ଠା ଉତ୍ସବର ଆରମ୍ଭର ସକାଳେ ୫୦୦ ମହିଳା ସୁବର୍ଣ୍ଣରେଖା ନଦୀରୁ ଘଟ ଉତ୍ତୋଳନ ପୂର୍ବକ ଶୋଭାଯାତ୍ରାରେ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ମନ୍ଦିର ଉପରେ ନଦୀର ପାଣି ଢଳାଯାଇ ମନ୍ଦିରର ଅଧିବାସ ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆସନ୍ତା କାଲି ୨୩ ତାରିଖ ମନ୍ଦିର ପ୍ରତିଷ୍ଠା, ମା ବାସନ୍ତୀ ଦେବୀଙ୍କ ସହିତ ସର୍ବଦେବାଦେବୀଙ୍କୁ ପ୍ରତିଷ୍ଠା କରାଯିବ ତା ସହିତ ସୂର୍ଯ୍ୟପୂଜା, ହୋମଯଜ୍ଞ ସହିତ ପୂର୍ଣ୍ଣାହୁତି ଦିଆଯିବ। ଦିନ ୪ଟାରେ ନାମସଂକୀର୍ତନ ଆରମ୍ଭ ହେବ। ୨୪ ତାରିଖରେ ପ୍ରସାଦ ସେବନ। ସନ୍ଧ୍ୟା ୭ଟାରେ ବିଲ୍ୱବରଣ ଓ ଷଷ୍ଠିପୂଜା ଆରମ୍ଭ ହେବ। ୨୫ ତାରିଖରେ ସପ୍ତମୀ ପୂଜା, ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୬ ତାରିଖରେ ଅଷ୍ଟମୀ ପୂଜା, ୨୭ ତାରିଖରେ ନବମୀ ପୂଜା ଓ ୨୮ ତାରିଖରେ ଦଶମୀ ପୂଜା ହେବ। ୨୭ ତାରିଖରେ ଉତ୍କଳ ସମ୍ରାଟ ଯାତ୍ରାପାର୍ଟି ମଂଚ ଅଭିନୟ କରୁଥିବା ବେଳେ ୨୮ ତାରିଖ ଦିନ ତାରିଣୀ ଗଣନାଟ୍ୟ ଦ୍ୱାରା ଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ୭ଦିନ ବ୍ୟାପି କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ପଞ୍ଚାୟତର ଜନସାଧାରଣ ଯୋଗଦେବାକୁ ବାସନ୍ତୀ ପୂଜା କମିଟି ପକ୍ଷରୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପୂଜା କମିଟି ସଭାପତି ରାମଚନ୍ଦ୍ର ଜେନା, ସମ୍ପାଦକ ନିଶିକାନ୍ତ ବେହେରା, ଉପସଭାପତି ଗୟାଧର ସାମଲ, କୋଷାଧ୍ୟକ୍ଷ ନିଶିକାନ୍ତ ଜେନା, ଗ୍ରାମ୍ୟମୁଖ୍ୟ ଲକ୍ଷ୍ମୀକାନ୍ତ ଗିରି, ସମ୍ପାଦକ ସୁମନ୍ତ ଗିରି, ଉପସଭାପତି ବଳରାମ ଓଝା, ସହ ସମ୍ପାଦକ ପ୍ରଦୀପ କିଶୋର ଗିରିଙ୍କ ସହିତ ଗ୍ରାମ ପଞ୍ଚାୟତର ସରପଞ୍ଚ ବିଦ୍ୟାଧର ମଲ୍ଲିକ ଓ ସମସ୍ତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାର ଜଣାଯାଇଛି।

# ବାଲେଶ୍ୱରରେ ବିଶ୍ୱ ବନ ଦିବସ ପାଳନ



ବାଲେଶ୍ୱର,୨୨।୩(ସମିସ): ବିଶ୍ୱ ବନ ଦିବସ୨୦୨୬ ଅବସରରେ ବାଲେଶ୍ୱର ୱାଇଲ୍ଡଲାଇଫ୍ ଡିଭିଜନ ପକ୍ଷରୁ କୁରୁଡ଼ାସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡ଼ିଶାର ପୂର୍ବତନ ପିସିସିଏଫ ଓ ଏଚ୍ ଓଏଫ୍ ଏଫ୍ ଡ଼ଃ ଦେବବ୍ରତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ୱାଇଲ୍ଡଲାଇଫ୍ ବୋର୍ଡର ସଦସ୍ୟ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଆମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ଥିଲେ। ଡ଼ଃ ସିଦ୍ଧାର୍ଥ ପତି ମୁଖ୍ୟ ବକ୍ତା ଭାବେ ବିଷୟବସ୍ତୁ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବାଲେଶ୍ୱର ୱାଇଲ୍ଡଲାଇଫ୍ ଡିଭିଜନର ଡିଏଫଓ ଅଧ୍ୟକ୍ଷତା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ‘ପ୍ରଭା’ ଏନଜିଓ ସଚିବ ସୁବ୍ରତ ନାୟକ, ୱାଇଲ୍ଡଲାଇଫ୍ ୱାର୍ଡେନ ଅଶ୍ୱିନୀ କୁମାର ଦାସ ଓ ଆଇୟୁସିଏନ ଏସ୍ ଏସ୍ ସି ବିଏସଜି ସଦସ୍ୟ ଡ଼ଃ ପ୍ରକାଶ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଉପସ୍ଥିତ ଥିଲେ।“କାର୍ଯ୍ୟକ୍ରମରେ ସହାୟକ ବନ ସଂରକ୍ଷକ (ଏସିଏଫ), ରେଞ୍ଜ ଅଫିସର, ବନ କର୍ମଚାରୀ, ଭିଏସ୍ଏସ୍ ସଦସ୍ୟ ଓ ବିଭିନ୍ନ ରେଞ୍ଜର “ଗଜ ସାଥୀ’ ମାନେ ଯୋଗ ଦେଇଥିଲେ। ଏହାସହ ୨୦୨୫ ମସିହାରେ ବୃକ୍ଷରୋପଣ କାର୍ଯ୍ୟକଳାପରେ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ବାଲିଆପାଳ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଓ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ୟୁନିଟ୍‌ଗୁଡ଼ିକୁ ୧୦ ହଜାର ଟଙ୍କା ସହ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

# ବିକିଦେଲେ ଗୋଚର ଜମି; କାର୍ଯ୍ୟାନୁଷ୍ଠାନ ଦାବି



ଜଳେଶ୍ୱର,୨୨।୩ (ସମିସ): ଜଳେଶ୍ୱର ତହସିଲ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଥିବା ସରକାରୀ ଜାଗାକୁ ଜବର ଦଖଲ କରିବା ସହିତ ଲକ୍ଷଲକ୍ଷ ଟଙ୍କାରେ ଅନ୍ୟକୁ ହସ୍ତାନ୍ତର କରିବା ବହୁ ସ୍ଥାନରେ ଦେଖିବାକୁ ମିଳିଛି। ସାଧାରଣତଃ ସହର ପାଖ, ରାସ୍ତା ପାଖରେ ଥିବା ମୂଲ୍ୟବାନ ସରକାରୀ ଜାଗାକୁ ନୋଟାରୀ ମାଧ୍ୟମରେ ବିକ୍ରୀ କରିବା ଏକ ଭଲ ବ୍ୟବସାୟରେ ପରିଣତ ହୋଇଛି। ସୂଚନାନୁଯାୟୀ ଗତ ୯ ତାରିଖ ଜଳେଶ୍ୱର ବ୍ଲକରେ ଅନୁଷ୍ଠିତ ହୋଇଥିବା ମିଳିତ ଜନଶୁଣାଣୀରେ ଗବରଘଟା ମୌଜା ଖାତା ନଂ ୧୪୧୬ ଅନ୍ତର୍ଗତ ପ୍ଲଟ ନଂ ୨୭୪୯ ରେ ଏ୦.୨୩ ଡିସିମିଲ ଜାଗା ଗୋଚର ଭାବେ ଜନୈକ ବ୍ୟକ୍ତି ଦୀର୍ଘଦିନ ଧରି ଜବର ଦଖଲ କରି ରଖିଥିବା ବେଳେ ଏବେ ସେହି ପ୍ଲଟରୁ ନୋଟାରୀ ମାଧ୍ୟମରେ ୧୦ଟଙ୍କିଆ ଷ୍ଟାମ୍ପ କାଗଜରେ ଲକ୍ଷାଧିକ ଟଙ୍କାରେ ଭୂମିହୀନ ଆଦିବାସୀ ଲୋକଙ୍କୁ ପ୍ରଲୋଭିତ କରି ବିକ୍ରୀ କରୁଥିବା ଉକ୍ତ ମୌଜାର ବ୍ୟକ୍ତି ଅଭିଯୋଗ କରିଛି। ଜଳେଶ୍ୱର ଅଞ୍ଚଳରେ ଥିବା ଭୂମିହୀନ ମାନଙ୍କୁ ସରକାରୀ ଯୋଜନାରେ ଜାଗା ଦେବା ପାଇଁ ଖାଲି ଜାଗା ମିଳୁ ନଥିବା ବେଳେ କିଛି ବ୍ୟକ୍ତି ସରକାରୀ ଜାଗାଗୁଡ଼ିକୁ ଜବରଦଖଲ କରି ଅନ୍ୟକୁ ବିକ୍ରି କରି ମାଲେମାଲ ହେଉଥିବାର ଦେଖିବାକୁ ମିଳୁଛି। ସେହିପରି ଜଳେଶ୍ୱର ପୌରାଂଚଳରେ ମଧ୍ୟ ବହୁ ଦାମୀ ସରକାରୀ ଜାଗା ବହୁ ବ୍ୟକ୍ତି ଜବରଦଖଲ କରି ରଖିଥିବାର ଜଣାଯାଇଛି। ତା’ର ତଦନ୍ତ କରି ଉଦ୍ଧାର କଲେ ବହୁ ସରକାରୀ କାର୍ଯ୍ୟାଳୟ ଓ ଲୋକ ହୀତକର କାର୍ଯ୍ୟରେ ଲାଗିପାରନ୍ତା ବୋଲି ଜନସାଧାରଣ ଦାବି କରିଛନ୍ତି। ତେଣୁ ଜଳେଶ୍ୱର ତହସିଲ ତରଫରୁ ଏହାର ତଦନ୍ତ କରି ସରକାରୀ ଜାଗାର ଉଦ୍ଧାର କରିବା ସହିତ ଏହିଭଳି ବେନିୟମ କାର୍ଯ୍ୟ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବାପାଇଁ ଜନସାଧାରଣରେ ଦାବି ହେଉଛି।

# ବିଶ୍ୱ କବିତା ଦିବସ



ବାଲେଶ୍ୱର,୨୨।୩(ସମିସ): ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କବି ବିଜୟ କୁମାର ମହାନ୍ତି ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କମଳାକାନ୍ତ ଦାସ, ପ୍ରଭାକର ସାହୁ ପ୍ରମୁଖ ଯୋଗ ଦେଇ ମତବ୍ୟକ୍ତ କରିଥିଲେ। ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢୀ କବିତା ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବୟିତ୍ରୀ ଜୟଶ୍ରୀ ମିଶ୍ର ଓ ସୈଦନ ବିବିଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଯୋଗେଶ ଚନ୍ଦ୍ର ବେହେରା, ଡଃ. ରତ୍ନାକର ସିଂହ, ପ୍ରଭାତ କୁମାର ଆଚାର୍ଯ୍ୟ, ଶିଶିର କୁମାର ଷଡ଼ଙ୍ଗୀ, ଜଳଧର ଦାସଙ୍କ ସମେତ ୨୦ ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ନିଜସ୍ୱ କବିତା ପାଠ କରିଥିଲେ। ଶେଷରେ ରାଧାରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ

ଜଳେଶ୍ୱର ବ୍ଲକ୍,୨୨।୩(ସମିସ): ଜଳେଶ୍ୱର ପୌରପାଳିକା ଅଧୀନରେ ଥିବା ମହିଳା ମହାବିଦ୍ୟାଳୟ ପରିସରରେ ଜଳେଶ୍ୱର ମଣ୍ଡଳ ପ୍ରଶିକ୍ଷଣ ବର୍ଗଙ୍କୁ ନେଇ ବିଜେପି ଉତ୍ତର ବାଲେଶ୍ୱର ଜିଲ୍ଲା ସଙ୍ଗଠନ ପକ୍ଷରୁ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଦୁଇଦିନିଆ ପ୍ରଶିକ୍ଷଣ ମହା ଅଭିଯାନ କାର୍ଯ୍ୟକ୍ରମ ନଗର ମଣ୍ଡଳ ସଭାପତି ଶିବଶଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ବାଲେଶ୍ୱର ଜିଲ୍ଲା ସଙ୍ଗଠନର ସଭାପତି ଡ. ପ୍ରଦୀପ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେପି ନେତା ବ୍ରଜମୋହନ ପ୍ରଧାନ, କୋର୍ଡିନେଟର ତପନ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ଣ୍ଣିମା ପ୍ରିୟଦର୍ଶିନୀ ଦାସ, କ୍ରାନ୍ତି କୁମାରୀ ଭଞ୍ଜ ଓ ଦେବ ପ୍ରସାଦ ଦେ ପ୍ରମୁଖ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରିଥିଲେ। ଯୁବ ନେତା କାଳୀଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




## ବସ୍ତା ପ୍ରିମିୟମ ଲିଗ୍ ପ୍ରଥମ ସଂସ୍କରଣ

# ଗୋଲ୍ଡେନ୍ ଇଗଲ୍‌କୁ ପରାସ୍ତ କରି ଦି ଲାୟନ୍ ଚାମ୍ପିଅନ

ବସ୍ତା ବ୍ଲକ୍,୨୨।୩(ସମିସ)



ବାଲେଶ୍ୱର ଜିଲ୍ଲା ବସ୍ତା ପାଶ୍ୱର୍ବର୍ତ୍ତି ମନ୍ଦିର ନିକଟରେ ଥିବା ମିନି ଷ୍ଟାଡିୟମରେ ଅନୁଷ୍ଠିତ ବସ୍ତା ପ୍ରିମିୟମ ଲିଗ୍ - ୧ ଫାଇନାଲ ମ୍ୟାଚ ରେ ଗୋଲ୍ଡେନ ଇଗଲକୁ ହରାଇ ଦି ଲାୟନ୍ ଚଳିତ ବର୍ଷ ର ଚମ୍ପିୟାନ ହୋଇଛି। ରବିବାର ୧୫ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ ଗୋଲ୍ଡେନ ଇଗଲ ଓ ଦି ଲାୟନ୍ ଦଳ ମଧ୍ୟରେ ହୋଇଥିଲା। ପ୍ରଥମେ ଟସ୍ ଜିତି ଦି ଲାୟନ୍ ବୋଲିଙ୍ଗ ନିଷ୍ପତ୍ତି ନେଇ ଗୋଲ୍ଡେନ ଇଗଲ କୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା। ପ୍ରଥମେ ବ୍ୟାଟିଂ କରି ଗୋଲ୍ଡେନ ଇଗଲ ୧୪ ଓଭର ୫ଟି ବଲ ରେ ସମସ୍ତ ୱିକେଟ ହରାଇ ୧୨୫ ରନ କରିବାରେ ସମର୍ଥ ହୋଇଥିଲା। ଦ୍ୱିତୀୟ ପାଳି ରେ ୧୨୬ ରନ କୁ ଟାର୍ଗେଟ ନେଇ ଦି ଲାୟନ୍ ୧୨ ଓଭର ୨ ଟି ବଲ ରେ ୭ୱିକେଟ୍ ହରାଇ ୧୨୯ ରନ କରି ବିଜୟ ହୋଇଥିଲା। ଦି ଲାୟନ୍ ଟିମ୍ ର ଖେଳାଳି ଝଡେଶ୍ୱର୍ ବେହେରା ୨୨ ବଲ ରୁ ୪୩ ରନ କରି ଦଳକୁ ବିଜୟ ଦେଇଥିଲେ। ମେନ୍ ଅଫ ଦି ମ୍ୟାଚ ଦି ଲାୟନ ଟିମ୍ ର ଖେଳାଳି ଝଡେଶ୍ୱର ବେହେରା ଙ୍କୁ ବିବେଚିତ କରାଯାଇଥିଲା। ଖେଳ ପରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ସମ୍ମାନିତ ଅତିଥି ଭାବେ ଅନିଲ କୁମାର ମହାନ୍ତି, ସୁଧାଂଶୁ ଶେଖର ଜେନା, ଆସୋସିଏସନ୍ ର ସଭାପତି ଗୌତମ ମହାନ୍ତି, ସମ୍ପାଦକ ରବିନାରାୟଣ ଶତପଥୀ, ଶିକ୍ଷାବିତ୍ କାଳୀ ଚରଣ ସେଠୀ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥି ଶ୍ରୀମତୀ ଜେନା ଚମ୍ପିଆନ ଟିମ୍ ଙ୍କୁ ଟ୍ରଫି ସହ ୩୦ ହଜାର ଟଙ୍କା ର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏଥି ସହିତ ଟୁର୍ଣ୍ଣାମେଣ୍ଟରେ ଉନ୍ନତ ଖେଳ ପ୍ରଦର୍ଶନ କରି ଯୋଗ୍ୟ ବିବେଚିତ ‘ବେଷ୍ଟ ବୋଲର ଭାବେ ସତ୍ୟ ନାରାୟଣ ବେହେରା (ରାଧେ ରାଧେ ଟିମ୍), ବେଷ୍ଟ ବୋଲର ଦୀନବନ୍ଧୁ ବେହେରା (ଗୋଲ୍ଡେନ ଇଗଲ ଟିମ୍), ବେଷ୍ଟ ଫିଲ୍ଡର ଭାବେ ବିକାଶ ଜେନା (ଜଗଦୀଶ ଗ୍ଲାଡ଼ିଏ ଟର), ମ୍ୟାନ ଅଫ ଦି ସିରିଜ ଅଞ୍ଜନ କୁମାର ଜେନା (ଦି ଲାୟନ୍ ଟିମ୍) ଙ୍କୁ ଆସୋସିଏସନ୍ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ୧୫ ଦିନ ଧରି ମ୍ୟାଚ ଅନୁଷ୍ଠିତ ହେଉଥିଲା। ଏହି ଖେଳକୁ ଅମ୍ପାୟାର ଭାବେ ଦିବ୍ୟ ରଞ୍ଜନ ଜେନା, ଅଶୋକ କୁମାର ସାହୁ ଓ ଶଶିକାନ୍ତ ବେହେରା ଖେଳ କୁ ପରିଚାଳନା କରିଥିଲେ। ଆସୋସିଏସନ୍ ର ସଦସ୍ୟ, ରାଜେଶ କୁମାର ମୁଦୁଲି, ଅନୁପମ ମହାନ୍ତି, ପ୍ରତ୍ୟୁଷ ବେହେରା, ସତ୍ୟ ନାରାୟଣ ମହାନ୍ତି, ଅଜୟ କୁମାର ଦାସ, ଟିଟୁ, ମହେଶ୍ୱର, ଗଗନ ବେହେରା, ଚନ୍ଦନ ବେହେରା କମଳା କାନ୍ତ ବେହେରା, ଅଜୟ କୁମାର ଦାସ ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ଶ୍ରୀରାମ ସେନା ପକ୍ଷରୁ ରକ୍ତଦାନ ଶିବିର; ୧୫୪ ୟୁନିଟ୍ ସଂଗୃହୀତ



ସୋର,୨୨।୩(ସମିସ): ପବିତ୍ର ରାମ ନବମୀ ପାଳନ ଅବସରରେ ସୋର ଶ୍ରୀରାମ ସେନା ପକ୍ଷରୁ ଏକ ରକ୍ତଦାନ ଶିବିର କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଶ୍ରୀରାମ ସେନା ସଭାପତି ପ୍ରହଲ୍ଲାଦ ସାହୁ ଉଦଘାଟନ କରିଥିବା ବେଳେ ଶିବିରରୁ ମୋଟ ୧୫୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବାଲେଶ୍ୱର ରକ୍ତ ଭଣ୍ଡାର ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ରକ୍ତାଦାତାଙ୍କ ସ୍ୱସ୍ଥ୍ୟ ପରୀକ୍ଷା କରିଥିବା ବେଳେ ବାଲେଶ୍ୱର ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଏଥିରେ ଅତିଥି ଭାବେ ପୂର୍ବତନ ବିଧାୟକ ପର୍ଶୁରାମ ଧଡା,ଜିଲା ପରିଷଦ ସଦସ୍ୟ ଜୟରାମ ଦାସ, ବିଜେପି ନଗର ସଭାପତି ଲକ୍ଷ୍ମୀଧର ତରେଇ, ରଞ୍ଜନ ଦାସ, ପୌରପାଳିକାର ବିଭିନ୍ନ ୱାର୍ଡର ପାରିଷଦ, ବିଜେପିର ସମସ୍ତ କର୍ମକର୍ତ୍ତା ମାନେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନୀଷ ଗୁପ୍ତା, ସୁଶୀଲ ଝୁନ୍‌ଝୁନୱାଲା, ବିଷ୍ଣୁମୋହନ ପଣ୍ଡା, ଗୋବିନ୍ଦ ନାୟକ,ନରେଶ ସି, ଅଜୁ ରଣା, ଅଭିଷେକ ଅଗ୍ରୱାଲ, ବୀରେନ୍ଦ୍ର ଧଡ଼ା ଓ ମନୋରଞ୍ଜନ ଧଡ଼ା ପ୍ରମୁଖ ପରିଚାଳନା କରିଥିବା ବେଳେ ଶ୍ରୀରାମ ସେନାର ଅନ୍ୟ କର୍ମକର୍ତ୍ତାମାନେ ଶିବିରକୁ ପରିଚାଳନାରେ ସହଯୋଗ କରିଥିଲେ।

